RNI No.ODIODI/2010/33031
୧୦ମ ବର୍ଷ Volume- 10
ସଂଖ୍ୟା- ୮୧ Issue- 81
ଭୁବନେଶ୍ୱର, ମଙ୍ଗଳବାର ୦୪ ଜୁନ୍ ୨୦୧୯
Bhubaneswar, Tuesday 04 June 2019
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ବୀରୁ ଦେବ୍‌ଗନ୍‌ଙ୍କ ଦେହାନ୍ତରେ ଶୋକପତ୍ର ଲେଖିଲେ ମୋଦି

## ବାୟୁସେନା ବିମାନ ନିଖୋଜ

## ୮ କ୍ରୁ ମେମ୍ବର ସହିତ ଯାତ୍ରା କରୁଥିଲେ ୩୨ ଯାତ୍ରୀ



ନୂଆଦିଲ୍ଲୀ, ୩।୬ (ନି.ପ୍ର.): ଭାରତୀୟ ବାୟୁସେନା ପାଇଁ ଆସିଛି ଦୁଃଖଦ ଖବର। ବାୟୁସେନାର ଏକ ବିମାନ ଅରୁଣାଚଳ ପ୍ରଦେଶରେ ନିଖୋଜ ହୋଇଯାଇଛି। ବିମାନଟି ଆସାମର ଜୋରାହାଟରୁ ଉଡାଣ ଭରିଥିଲା। ଏଥିରେ ମୋଟ ୧୩ ଜଣ ଯାତ୍ରା କରୁଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ବିଷୟରେ ବାୟୁସେନାର ଭାଇସ୍ ଚିଫ୍‌ଙ୍କ ସହ ଆଲୋଚନା କରି ସର୍ଚ୍ଚ ଅପରେସନ୍ ବିଷୟରେ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ, ନିଖୋଜ ଏୟାରକ୍ରାଫ୍ଟ ଏଏନ୍-୩୨ରେ ୮କ୍ରୁ ଓ ୫ ଯାତ୍ରୀ ଥିଲେ। ଏୟାର କ୍ରାଫ୍ଟ ଏନ୍-୩୨ ଜୋରହାଟ ଏୟାରବେସ୍‌ରୁ ମଧ୍ୟାହ୍ନ ୧୨.୨୫ ମିନିଟ୍‌ରେ ଉଡାଣ ଭରିଥିଲା। ଶେଷଥର ବିମାନଟି କଣ୍ଟ୍ରୋଲ୍ ରୁମ୍ ସହିତ ଦିନ ୧ଟାରେ ସଂଯୋଗ ହୋଇପାରିନଥିଲା। ବାୟୁସେନା ଏଏନ୍-୩୨ ବିମାନର ସନ୍ଧାନ ପାଇଁ ବାୟୁସେନା ନିଜର ସେନାକୁ ନିୟୋଜିତ କରିଛି। ଖବର ଲେଖାହେବା ବେଳକୁ ବାୟୁସେନା ସର୍ଚ୍ଚ ଅପରେସନ୍ ଜାରି ରହିଛି। ଏଥିରେ ସୁଖୋଇ ୩୦ ଏୟାରକ୍ରାଫ୍ଟ ଓ ସି-୧୩୦ ସ୍ପେଶାଲ୍ ଅପରେସନ୍ ଏୟାରକ୍ରାଫ୍ଟକୁ ନିୟୋଜିତ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବାୟୁସେନାର ଉପପ୍ରମୁଖଙ୍କ ସହ ସର୍ଚ୍ଚ ଅପରେସନ୍ ବିଷୟରେ ଆଲୋଚନା କରିଛନ୍ତି। ସେ ଟ୍ୱିଟ୍ କରି କହିଛନ୍ତି ଯେ, କିଛି ଘଣ୍ଟା ତଳେ ନିଖୋଜ ଆଇଏଏଫ୍ ଏଏନ୍-୩୨ ଏୟାରକ୍ରାଫ୍ଟ ବିଷୟରେ ବାୟୁସେନାର ଭାଇସ୍ ଚିଫ୍ ମାର୍ଶାଲ ରାକେଶ ସିଂହ ଭଦୋରିଆ ସହ ଆଲୋଚନା କରିଛନ୍ତି। ବିମାନରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀଙ୍କ ସୁରକ୍ଷା ପାଇଁ ସେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# +୨ ବିଜ୍ଞାନ ଫଳ ପ୍ରକାଶିତ

- ପାସ୍ ହାର ୭୨.୩୩ ପ୍ରତିଶତ
- ପୁଅଙ୍କୁ ପଛରେ ପକାଇଲେ ଝିଅ
- ମୋଟ ୭୦,୭୦୬ ଜଣ କୃତକାର୍ଯ୍ୟ



ଭୁବନେଶ୍ୱର, ୩।୬ (ନି.ପ୍ର.): ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ବାର୍ଷିକ ବିଜ୍ଞାନ ପରୀକ୍ଷା ଫଳ ଆଜି ପ୍ରକାଶିତ ହୋଇଯାଇଛି। ଚଳିତଥର ପରୀକ୍ଷାରେ ମୋଟ ପାସ୍‌ହାର ୭୨.୩୩ ପ୍ରତିଶତ ରହିଛି। ଯାହା କି ପୂର୍ବବର୍ଷ ଅପେକ୍ଷା କମ୍ ଅଟେ। ଏହି ବର୍ଷ ପାସ୍ ହାରରେ ପୁଅଙ୍କ ତୁଳନାରେ ଆଗେଇ ଯାଇଛନ୍ତି ଝିଅ।

ଭୁବନେଶ୍ୱରସ୍ଥିତ ଗୀତାଗୋବିନ୍ଦ ଭବନରେ +୨ ବିଜ୍ଞାନ ରେଜଲ୍ଟ ପ୍ରକାଶ ପାଇଛି। +୨ ବିଜ୍ଞାନରେ ପ୍ରାୟ ୯୭ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୭୦,୭୦୬ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଏଥିମଧ୍ୟରୁ ୪୦,୦୫୮ ପୁଅ ଓ ୩୦,୬୪୮ ଝିଅ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୨୦,୮୦୬ ଜଣ ପିଲା, ଦ୍ୱିତୀୟ ଶ୍ରେଣୀରେ ୨୩,୯୦୪ ଜଣ ଓ ତୃତୀୟ ଶ୍ରେଣୀରେ ୨୫,୩୬୦ ଜଣ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି। ସେହିପରି କ୍ୟାଣ୍ଟନମେଣ୍ଟାରୀ ୬୩୬ ଜଣ ପାସ୍ ହୋଇଛନ୍ତି।

ଚଳିତ ବର୍ଷ +୨ ବିଜ୍ଞାନ ପରୀକ୍ଷା ଫଳ ପାସ୍‌ହାରରେ ବାଲେଶ୍ୱର ଆଗରେ ରହିଥିବା ବେଳେ ସବୁଠାରୁ କମ୍ ପ୍ରତିଶତ ଜିଲ୍ଲା ହିସାବରେ ରହିଛି ଗଜପତି। ସେହିପରି ୯ଟି କଲେଜରେ ପରୀକ୍ଷା ଫଳ ଶୂନ୍ୟ ଥିବା ବେଳେ ୨୯ଟି କଲେଜରେ ଶତପ୍ରତିଶତ ପିଲା ପାସ୍ କରିଛନ୍ତି।

ସୂଚନାଯୋଗ୍ୟ ଚଳିତ ବର୍ଷ +୨ ବାର୍ଷିକ ପରୀକ୍ଷାରେ ରାଜ୍ୟରେ ୩,୬୫,୮୨୬ ଜଣ +୨ ପରୀକ୍ଷାର୍ଥୀ ଥିବା ବେଳେ ବିଜ୍ଞାନରେ ପ୍ରାୟ ୯୭ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।

## ୟାଟସ୍ ୨୦୧୮- ୧୯ ବିଜେତାଙ୍କ ଇସ୍ରୋ ପରିଦର୍ଶନର ଶୁଭାରମ୍ଭ



ଭୁବନେଶ୍ୱର, ୩।୬ (ନି.ପ୍ର.): ଭୁବନେଶ୍ୱରର ନବୀନ ନିବାସ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନ ପ୍ରତିଭା ଅନ୍ୱେଷଣ (ୟାଟସ୍)ର ୧୨ତମ ସଂସ୍କରଣ ବିଜେତାଙ୍କ ପରିଦର୍ଶନ କାର୍ଯ୍ୟକ୍ରମକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତନବୀନ ପଟ୍ଟନାୟକ ଶୁଭାରମ୍ଭ କରିଛନ୍ତି। ବିଜେତା ହୋଇଥିବା ୨୦ ଜଣିଆ ଛାତ୍ରଛାତ୍ରୀଙ୍କ ଦଳ ଅହମ୍ମଦାବାଦ ଠାରେ ଥିବା ଅନ୍ୟତମ ପ୍ରିମିୟର ସଂସ୍ଥା ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ପରିଦର୍ଶନ କରିବେ ଏବଂ ଅତି ନିକଟରୁ ମହାକାଶ ବିଜ୍ଞାନର ଅନୁଭୂତି ହାସଲ କରିପାରିବେ। ଏହି ଅବସରରେ ଶ୍ରୀଯୁକ୍ତ ପଟ୍ଟନାୟକ ୟାଟସ୍‌ର ୧୩ତମ (୨୦୧୯-୨୦) ସଂସ୍କରଣକୁ ମଧ୍ୟ ଉନ୍ମୋଚନ କରିଛନ୍ତି। ୨୦୧୮ରେ ଛାତ୍ରଛାତ୍ରୀଙ୍କ ତରଫରୁ ଉଲ୍ଲେଖନୀୟ ଅଂଶଗ୍ରହଣ ପରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କ ପାଇଁ ୟାଟସ୍‌କୁ ଅଧିକ ସମୃଦ୍ଧ କରିବାକୁ ପରବର୍ତ୍ତି ସଂସ୍କରଣ ଉନ୍ମୋଚନ କରାଯାଇଛି। ୟାଟସ୍ ୨୦୧୯ର ବିଷୟବସ୍ତୁ ହେଉଛି "ବ୍ରହ୍ମାଣ୍ଡର ଆଶ୍ଚର୍ଯ୍ୟଗୁଡ଼ିକୁ ସନ୍ଧାନ କରିବା" ଏବଂ ଏଥିରେ ଏହି ପ୍ରତିଯୋଗିତା ମଧ୍ୟ ରହିବ।

ପ୍ରତି ଜିଲ୍ଲାର ଦୁଇଟି ଶ୍ରେଷ୍ଠ ପ୍ରବନ୍ଧକୁ ଚୟନ କରାଯିବ ଏବଂ ପଠାଣୀ ସାମନ୍ତଙ୍କ ଜୟନ୍ତୀ ଅବସରରେ ଭୁବନେଶ୍ୱର ଠାରେ ୨୦୧୯ ଡିସେମ୍ବର ୧୨-୧୩ରେ ଆୟୋଜନ କରାଯିବାକୁ ଥିବା ଗ୍ରାଣ୍ଡ ଫିନାଲେକୁ ଆମନ୍ତ୍ରଣ କରାଯିବ। ଏହି ଅବସରରେ ଶ୍ରେଷ୍ଠ ୨୦ ଜଣଙ୍କୁ ମଧ୍ୟ ସମ୍ମାନିତ କରାଯିବ ଏବଂ ସେମାନଙ୍କୁ ଏକ୍ସପୋଜର ପରିଦର୍ଶନରେ ପଠାଯିବ। ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ, ସରକାରି ଶିକ୍ଷ ଓ ସାମାଜିକ ନିରାପତା ଓ ଦିବ୍ୟାଙ୍ଗ ସଶକ୍ତୀକରଣ ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), ଓଡିଶା ସରକାର, ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର ସାହୁ, ଅତିରିକ୍ତ ସଚିବ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଓ ନିର୍ଦ୍ଦେଶକ, ଓଡିଶା ସରକାର, ପଠାଣୀ ସାମନ୍ତ ପ୍ଲାନେଟୋରିୟମ୍, ଶ୍ରୀଯୁକ୍ତ କୁଲଭିନ୍ ସୁରୀ, ମୁଖ୍ୟ, କର୍ପୋରେଟ୍ ଯୋଗାଯୋଗ, ଟାଟା ଷ୍ଟିଲ୍, ଭାରତ ଓ ଦକ୍ଷିଣ-ପୂର୍ବ ଏସିଆ (ଏସଇଏ), ଶ୍ରୀଯୁକ୍ତ ଦେବାଶିଷ ଜେନା, ଚିଫ୍ ରେସିଡେନ୍ଟ ଏକ୍‌ଜିକ୍ୟୁଟିଭ୍ (ସିଆରଇ), ଟାଟା ଷ୍ଟିଲ୍ ଭୁବନେଶ୍ୱର ଅନ୍ୟତମ ଅତିଥି ଭାବେ ଏହି ଅବସରରେ ଉପସ୍ଥିତ ଥିଲେ।

## ବଜ୍ରପାତରେ ୪ ବଖରା ଭସ୍ମୀଭୂତ, ୨ ଗୋରୁ ଦଗ୍ଧ

ତିହିଡି, ୩।୬ (ନି.ପ୍ର.): ତିହିଡ଼ି ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତ କୃତ୍ତିବାସପୁର ଗ୍ରାମରେ ରବିବାର ସନ୍ଧ୍ୟାରେ ବଜ୍ରପାତରେ ବେଣୁଧର ଦାସଙ୍କର ଘରେ ନିଆଁ ଲାଗିଯାଇଥିଲା। ଫଳରେ ତାଙ୍କର ୪ ବଖରା ଭସ୍ମୀଭୂତ ହୋଇଯାଇଛି। ଗୁହାଳରେ ଥିବା ଦୁଇ ଗୋଟି ଗୋରୁ ବାହାରକୁ ବାହାରିନପାରିବାରୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସେହିପରି ଆଜି ପୂର୍ବାହ୍ନରେ ତିହିଡ଼ି ବ୍ଲକ ଅଧୀନ ନୂଆବନ୍ଧ ଗ୍ରାମରେ ବିଦ୍ୟୁତ ସଟସର୍କିଟ ଯୋଗୁ ଦିପୁ ଦାସଙ୍କର ମଧ୍ୟ ଗୋଟିଏ ବଖରା ପୋଡ଼ି ଯାଇଛି।

## ବିଳମ୍ବ ହେବ ମୌସୁମୀ, ଚିନ୍ତାରେ ଚାଷୀ



ଭୁବନେଶ୍ୱର, ୩।୬ (ନି.ପ୍ର.): ଓଡ଼ିଶାକୁ ଏଥର ମୌସୁମୀ ବିଳମ୍ବରେ ଛୁଇଁପାରେ। ଏ ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଉଛି। ସୂଚନା ଅନୁଯାୟୀ, ମୌସୁମୀ ଏବେ ଆଣ୍ଡାମାନକୁ ପ୍ରଭାବିତ କରି ଆଗକୁ ବଢୁଛି। ପୂର୍ବ ନିର୍ଦ୍ଧାରଣ ଅନୁସାରେ ୬ ସୁଦ୍ଧା କେରଳ ଛୁଉଁଥିବାରୁ ଓଡ଼ିଶାକୁ ଆସିବାରେ ମିଳିବ ହେବ ବୋଲି ଭାରତୀୟ ପାଣିପାଗ ବିଭାଗର ଏଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ତେବେ ଓଡ଼ିଶାରେ ପ୍ରାକ୍ ମୌସୁମୀ ଝଡବର୍ଷା ଚାଲିଥିବା ବେଳ ଏହା ଆହୁରି କିଛି ଦିନ ଚାଲିବ ବୋଲି ସେ କହିଛନ୍ତି।

## ଡାହୁକ



ଯେମିତି ବଢୁଚି ରାଜ୍ୟରେ ଗରିବୀ
ଥିଲେ ମୁହେଁ ଟିକେ ଲାଜ
କହୁଥାନ୍ତା କ'ଣ ନବୀନ ସର୍କାର
ପ୍ରଗତି ପଥରେ ରାଜ୍ୟ
ପୁଣି ଦରଦାମ ବୋଝ
ମୁଣ୍ଡେଇବା କଷ୍ଟ ଚାଲିବା କେମିତି
ଭାବି ସର୍କାରକୁ ହେଜ।

-ବିଧୂ

## ବିଜେପୁର ବିଧାନସଭା ଆସନକୁ ନବୀନଙ୍କ ପ୍ରତ୍ୟାଖାନ ପ୍ରସଙ୍ଗ

# ପଶ୍ଚିମ ଓଡିଶାବାସୀଙ୍କ ସହ ପ୍ରତାରଣା ହୋଇଛି:ବିଜେପି




ଭୁବନେଶ୍ୱର, ୩।୬ (ନି.ପ୍ର.): ପଶ୍ଚିମ ଓଡିଶାବାସୀଙ୍କ ଅନୁରୋଧ ଏବଂ ନିଜର ପଶ୍ଚିମ ଓଡିଶା ପାଇଁ ଥିବା ଆନ୍ତରିକତା କ୍ରମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ସାଧାରଣ ନିର୍ବାଚନରେ ବିଜେପୁର ବିଧାନସଭାରୁ ନିର୍ବାଚନ ଲଢିଥିଲେ। ନବୀନବାବୁ ପଶ୍ଚିମ ଓଡିଶାରୁ ନିର୍ବାଚନ ଲଢିଲେ ଏବଂ ଜିତିଲେ। ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାକୁ ଗୁରୁତ୍ୱ ଦେଉଛନ୍ତି ଏବଂ ଅନେକ ଯୋଜନା କରୁଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି। ମାତ୍ର ବର୍ତମାନ ସେହି ନବୀନବାବୁ କାହିଁକି ବିଜେପୁରବାସୀଙ୍କୁ ପ୍ରତ୍ୟାଖାନ କଲେ, ତାହା ଆଶ୍ଚର୍ଯ୍ୟର ବିଷୟ ବୋଲି ବିଜେପି ବିଧାୟକ ଶ୍ରୀ ଜୟ ନାରାୟଣ ମିଶ୍ର ପ୍ରଶ୍ନ କରିଛନ୍ତି। ୨୦୧୮ ମସିହା ବିଜେପୁର ଉପ ନିର୍ବାଚନ, ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନ ଏବଂ ଆସନ୍ନ ଉପ ନିର୍ବାଚନ ପାଇଁ ପ୍ୟାକେଜ ଘୋଷଣା ନାଁରେ ବିଜେପୁରବାସୀଙ୍କୁ ପ୍ରତାରିତ କରିଛନ୍ତି। ଗୋଟିଏ ମଧ ପ୍ରତିଶୃତି ପାଳନ କରାଯାଇ ନାହିଁ। କେବଳ ଗୋଟିଏ ଘୋଷଣାକୁ ବାରମ୍ବାର କହି ମୁଖ୍ୟମନ୍ତ୍ରୀ ବିଜେପୁରବାସୀଙ୍କ ସମେତ ସମଗ୍ର ପଶ୍ଚିମାଂଚଳବାସୀଙ୍କ ଭାବନା ସହ ଖେଳିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତି।

ବିଜେପୁର ହେବାକୁ ଥିବା ଉପ ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ସରକାର ବିଜେପୁର ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହା ରାଜ୍ୟ ସରକାରଙ୍କ ପଂଚମ ପାଳିରେ ପ୍ରଥମ ପ୍ରତାରଣା ବୋଲି ମଧ ଶ୍ରୀ ମିଶ୍ର କହିଛନ୍ତି।

ପଶ୍ଚିମ ଓଡିଶାରେ ତୈଳ ବିଶୋଧନାଗାର, ଆଇଆଇଏମ୍ ଶିକ୍ଷାନୁଷ୍ଠାନ, ବୁର୍ଲାରେ ସୁପରସ୍ପେଶାଲିଷ୍ଟ ହସ୍ପିଟାଲ ଏବଂ ଝାରସୁଗୁଡାରେ ଏୟାରପୋର୍ଟ ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେଇଛନ୍ତି। କିନ୍ତୁ ପଶ୍ଚିମ ଓଡିଶାରେ ରାଜ୍ୟ ସରକାର ଏପର୍ଯ୍ୟନ୍ତ ଗୋଟିଏ ହେଲେ ବି ଜନହିତକର ପଦକ୍ଷେପ ନେଇନାହାନ୍ତି। କେବଳ ପ୍ୟାକେଜ ଘୋଷଣା କରି ବିଜେପୁରବାସୀଙ୍କୁ ମୁଖ୍ୟମନ୍ତ୍ରୀ ଆଉ କେତେ ଦିନ ପ୍ରତାରଣା କରିବେ? ଆଗାମୀ ଦିନରେ ଏଭଳି ପ୍ରତାରଣାର ଜବାବ୍ ବିଜେପୁରବାସୀ ନିଶ୍ଚିତ ଦେବେ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହି ଅବସରରେ ରାଜ୍ୟ ଉପସଭାପତି ଶ୍ରୀ ସମୀର ମହାନ୍ତି ଉପସ୍ଥିତ ଥିଲେ।

## ପୁଣି ଭାରତକୁ ଫେରିଲା ଘାତକ ନିପାହ ଭାଇରସ



କୋଚି, ୩।୬: କେରଳର କୋଚିରେ ଜଣେ ୨୩ ବର୍ଷିୟ ଛାତ୍ର ନିପାହ ଭାଇରସରେ ସଂକ୍ରମିତ ହୋଇଥିବା ସନ୍ଦେହ କରାଯାଉଛି। ଛାତ୍ର ଜଣକୁ ହସ୍ପିଟାଲରେ ଭର୍ତି କରାଯାଇଛି। ତେବେ ଛାତ୍ର ଜଣକ ନିପାହ ଭାଇରସରେ ସଂକ୍ରମିତ ହୋଇଛନ୍ତି ନା ନାହିଁ ତାହା ଏନଆଇବି ରିପୋର୍ଟ ମିଳିବା ପରେ ସ୍ପଷ୍ଟ ହୋଇଯିବ। ଛାତ୍ରଙ୍କ ଘର ଏର୍ଣ୍ଣାକୁଲମ୍ ଓ ସେ ଇଡ୍ଡୁକିର ଏକ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିଲେ। ଏହାପୂର୍ବରୁ ମଧ୍ୟ କେରଳରେ ନିପାହ ଭାଇରସ ବ୍ୟାପିଲା, ଯାହାଫଳରେ ଅନେକ ଲୋକଙ୍କ ଜୀବନ ଚାଲି ଯାଇଥିଲା। ନିପାହ ଭାଇରସର କିଭଳି ମୁକାବିଲା କରାଯାଇପାରିବ ସେଥିପାଇଁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି କେରଳର ସ୍ୱାସ୍ଥ୍ୟ ମନ୍ତ୍ରୀ କେ.କେ ଶିଳଜା। ଏପରିକି ନିପାହକୁ ମୁକାବିଲା କରିବା ପାଇଁ ସମସ୍ତ ଆବଶ୍ୟକୀୟ ଔଷଧ ମହଜୁଦ୍ ଥିବା କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ। ବିଭିନ୍ନ ମେଡିକାଲରେ ନିପାହ ଭାଇରସ ସଂକ୍ରମିତଙ୍କ ପାଇଁ ଭିନ୍ନ ୱାର୍ଡ କରାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ବାଦୁଡି ଯୋଗୁଁ ନିପାର ଭାଇରସ ବ୍ୟାପିଥାଏ। ପ୍ରଥମେ ଏହା ବିଭିନ୍ନ ଫଳକୁ ବ୍ୟାପିଥାଏ ଏବଂ ଫଳରୁ ମଣିଷ ଓ ଜୀବଜନ୍ତୁଙ୍କ ଶରୀରକୁ ବ୍ୟାପିଥାଏ। ୧୯୯୮ ମସିହାରେ ପ୍ରଥମ ଥର ପାଇଁ ମାଲେସିଆର କାପୁଙ୍ଗ ସୁଙ୍ଗଇ ନିପାହ ଅଂଚଳରେ ଏହି ଭାଇରସ ଦେଖିବାକୁ ମିଳିଥିଲା। ଏହି ସ୍ଥାନ ନାମନୁସାରେ ଏହି ଭାଇରସର ନାଁ ନିପାହ ଭାଇରସ ରଖାଯାଇଛି। ଭାରତରେ ପ୍ରଥମ ଥର ପାଇଁ ପଶ୍ଚିମବଙ୍ଗରେ ଏହି ନିପାହ ଭାଇରସ ଦେଖିବାକୁ ମିଳିଥିଲା।

## ଭାଲୁ ଆକ୍ରମଣରେ ଦୁଇ ଆହତ





କାମାକ୍ଷାନଗର,୩।୬ (ନି.ପ୍ର.): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା କାଦୁଆ ପଂଚାୟତ ଅନ୍ତର୍ଗତ ଭାଗିରଥୀପୁର ଶାସନ ଗ୍ରାମରେ ଭାଲୁ କାମୁଡାରେ ଦୁଇ ଜଣ ଗୁରୁତର ଆହାତ ହୋଇଛନ୍ତି। ଗୁରୁତର ମାନେ ହେଲେ ସେହି ଗ୍ରାମର ଭାଗିରଥୀ ମହାପାତ୍ରଙ୍କ ସ୍ତ୍ରୀ ସଂଯୁକ୍ତା ମହାପାତ୍ର (୪୦) ଏବଂ ଦୁଃଶାସନ ମହାନ୍ତିଙ୍କ ପୁଅ ଦୋଳଗୋବିନ୍ଦ ମହାନ୍ତି (୬୦)। ସୋମବାର ଦିନ ଭୋର ୪ ଟା ବେଳେ ଦୋଳଗୋବିନ୍ଦ ତିନିଛକିଆ ନିକଟକୁ ଶୌଚ ପାଇଁ ଯାଉଥିବା ସମୟରେ ଭାଲୁ ସହ ମୁହାଁ ମୁହିଁ ହୋଇଯାଇଥିଲେ। ଫଳରେ ଭାଲୁ ତାଙ୍କ ମୁହଁକୁ କାମୁଡି ଦେଇଥିଲା ଏବଂ ଗାଁ ଭିତରେ ଥିବା ଭାଗିରଥୀଙ୍କ ଘର ଭିତରକୁ ପଶି ଯାଇଥିଲା। ସେଠାରେ ଭାଗିରଥୀଙ୍କ ସ୍ତ୍ରୀ ସଂଯୁକ୍ତାଙ୍କ ଜଙ୍ଘକୁ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା। ଅଂଚଳରେ ଭାଲୁ ଆତଙ୍କରେ ଲୋକ ଆତଙ୍କିତ ଥିବା ଦେଖିବାକୁ ମିଳିଛି। ତୁରନ୍ତ ଏଥି ପ୍ରତି ବନ ବିଭାଗ ଧ୍ୟାନ ଦେବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି।



ରାଷ୍ଟ୍ରୀୟ ଇସ୍ପାତ ନିଗମ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୪୦ ଲକ୍ଷ ଟଙ୍କାର ସହାୟତା

ମଙ୍ଗଳବାର,୦୪ ଜୁନ୍ ୨୦୧୯, ଭୁବନେଶ୍ୱର
Tuesday, 04 June 2019, Bhubaneswar



ମହାପୁରୁଷଙ୍କ ଲେଖନୀରୁ ...

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ନୂଆ ବାଚସ୍ପତି

ସାଂସଦୀୟ ଗଣତନ୍ତ୍ରରେ ବାଚସ୍ପତି ପଦବୀ ଏକ ଅତି ସମ୍ମାନଜନକ ଆଉ ଗାରିମାମୟ ପଦବୀ ଅଟେ । ଏହି ପଦବୀର ସମ୍ମାନ ରକ୍ଷା ଆଉ ନିରପେକ୍ଷତା ରକ୍ଷା ଉପରେ ଗଣତନ୍ତ୍ରର ଅସ୍ମିତା ନିର୍ଭର କରେ । ସଂସଦୀୟ ଗଣତନ୍ତ୍ରରେ ବାଚସ୍ପତିଙ୍କୁ ନିରପେକ୍ଷ ଓ ନିର୍ଦ୍ଦଳୀୟ ବ୍ୟକ୍ତିତ୍ୱ ଭାବେ ବିବେଚନା କରାଯାଏ । ଏଥି ସକାଶେ ଜଣେ ସାମର୍ଥ୍ୟବାନ, ବିଜ୍ଞ ଓ ନିରପେକ୍ଷ ବିଚାରାଧାର ସଂପନ୍ନ ବ୍ୟକ୍ତିଙ୍କୁ ବାଚସ୍ପତିଙ୍କୁ ନିର୍ବାଚିତ କରିବାର ପ୍ରବଣତା ଏ ଦେଶରେ ରହିଅଛି । ଦିଗପହଣ୍ଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଷୋଡଶ ବିଧାନସଭାର ୨୨ତମ ବାଚସ୍ପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ବାଚସ୍ପତି ପାଇଁ ବିରୋଧୀ ଦଳ କୌଣସି ପ୍ରାର୍ଥୀ ଦେଇନଥିବାରୁ ଶ୍ରୀ ପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ବିଧାନସଭାର ଏକ ସ୍ୱତନ୍ତ୍ର ବୈଠକରେ ବାଚନିକ ଭୋଟରେ ଏ ସଂକ୍ରାନ୍ତରେ ଆଗତ ଏକ ପ୍ରସ୍ତାବ ସର୍ବ ସମ୍ମତି ଭାବେ ପାରିତ ହୋଇଥିଲା । ପରେ କାମଚଳା ବାଚସ୍ପତି ଅମର ପ୍ରସାଦ ଶତପଥୀ ଶ୍ରୀ ପାତ୍ରଙ୍କ ନିଯୁକ୍ତି ସଂପର୍କରେ ଗୃହରେ ବିଧିବଦ୍ଧ ଭାବେ ଘୋଷଣା କରିଥିଲେ । ଅନ୍ୟପଟରେ ଏକ ଅଭାବନୀୟ ଘଟଣାକ୍ରମରେ ବାଚସ୍ପତି ଚୟନ ସମୟରେ ବିଜେଡ଼ିର ସଂଖ୍ୟାଧିକ ସଭ୍ୟ ଉପସ୍ଥିତ ଥିବା ବେଳେ ମୁଖ୍ୟ ବିରୋଧୀଦଳ ବିଜେପିର ସଭ୍ୟମାନେ ଗୃହରେ ଅନୁପସ୍ଥିତ ଥିଲେ । ପ୍ରଥମ ଦିନରେ ଦଳର ଏଭଳି ପ୍ରଦର୍ଶନ ସମସ୍ତଙ୍କୁ ଆଚମ୍ବିତ କରିଛି । ବିଜେପି ବିଧାୟକମାନେ ଗୃହ କାର୍ଯ୍ୟରେ ଯୋଗ ନଦେବା ଦୁର୍ଭାଗ୍ୟଜନକ । ବାଚସ୍ପତି ନିର୍ବାଚିତ ହେବା ପରେ ନୂଆ ବାଚସ୍ପତି ଶ୍ରୀ ପାତ୍ର ମୁଖ୍ୟମନ୍ତ୍ରୀ ଓ ଦଳଗତ ନିର୍ବିଶେଷରେ ଗୃହର ଅନ୍ୟ ବରିଷ୍ଠ ସଦସ୍ୟମାନେ ବାଚସ୍ପତି ଆସନକୁ ଶ୍ରୀ ପାତ୍ରଙ୍କୁ ପାଛୋଟି ନେଇଥିଲେ । ଶ୍ରୀ ପାତ୍ର ବାଚସ୍ପତି ଅଳଙ୍କୃତ କରିବା ପରେ ତାଙ୍କୁ ବିଭିନ୍ନ ଦଳ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ପରେ ଶ୍ରୀ ପାତ୍ର ଆସନ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ସମେତ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ଶ୍ରୀ ପାତ୍ର ତାଙ୍କୁ ବାଚସ୍ପତି ପଦକୁ ନିର୍ବାଚିତ କରି ଏଭଳି ଏକ ଗୁରୁଦାୟିତ୍ୱ ବହନ କରିପାରିବାର ବିଶ୍ୱାସ ପ୍ରକଟ କରାଯାଇଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ସଦସ୍ୟମାନଙ୍କୁ ନିଜର କୃତଜ୍ଞତା ଜଣାଇଥିଲେ ଓ ଜଥାସାଧ୍ୟ ନିରପେକ୍ଷତା ଅବଲମ୍ବନ କରି ସମସ୍ତଙ୍କ ସହଯୋଗରେ ଗୃହ ପରିଚାଳନା କରିବାକୁ ସକ୍ଷମ ହେବେ ବୋଲି ଆଶାବ୍ୟକ୍ତ କରିଥିଲେ । ବାଚସ୍ପତି ନିର୍ବାଚିତ ହେବା ପରେ ଶ୍ରୀ ପାତ୍ର ଗଣମାଧ୍ୟମକୁ କହିଛନ୍ତି ଯେ, ବାଚସ୍ପତି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଆସନର ମର୍ଯ୍ୟାଦା ନିଶ୍ଚିତ ଭାବେ ରକ୍ଷା କରିବେ । ଗଣତନ୍ତ୍ରର ମନ୍ଦିର ଭାବେ ପରିଚିତ ବିଧାନସଭାର ସମସ୍ତେ ଏକ ହୋଇ କାର୍ଯ୍ୟ କରିବା ଜରୁରୀ । ବିଧାନସଭାର ପଦ, ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବା ଦିଗରେ ସେ କାର୍ଯ୍ୟ କରିବେ । ସବୁ ଦଳର ସହଯୋଗ ନେଇ ଗୃହ ପରିଚାଳନା କରାଯିବ । ବିଧାନସଭା ହେଉଛି ଏକ ପବିତ୍ର ଗୃହ । ଗଣତନ୍ତ୍ରର ରକ୍ଷା ପାଇଁ ଏହି ଗୃହ ତିଆରି ହୋଇଛି । ବିଧାନସଭା ଉପରେ ରାଜ୍ୟର ୪କୋଟି ଲୋକଙ୍କ ବିଶ୍ୱାସ ରହିଛି । ଏ ଗୃହର ଆଲୋଚନା ଉପରେ ରାଜ୍ୟବାସୀଙ୍କ ନଜର ରହିଥାଏ । ଲୋକଙ୍କ ଆଶା ଓ ସ୍ୱପ୍ନକୁ ପୂରଣ କରିବାକୁ ମିଳିମିଶି କାମ କରିବାକୁ ପଡ଼ିବ । ସମସ୍ତଙ୍କ ପ୍ରତି ସମାନ ନୀତି ଅବଲମ୍ବନ କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ ହେବ ବୋଲି ଶ୍ରୀ ପାତ୍ର କହିଛନ୍ତି ୧୯୪୮ ମସିହା ଡିସେମ୍ବର ୨୪ତାରିଖରେ ଜନ୍ମ ଗ୍ରହଣ କରିଥିବା ସୂର୍ଯ୍ୟନାରାୟଣ ପାତ୍ର ଛାତ୍ର ଜୀବନରୁ ରାଜନୀତି ପ୍ରତି ଆକୃଷ୍ଟ ହୋଇଥିଲେ । ଶ୍ରୀ ପାତ୍ର ଜଣେ ଅତ୍ୟନ୍ତ ଲୋକପ୍ରିୟ, ଭଦ୍ର, ସରଳ ପ୍ରକୃତିର ବ୍ୟକ୍ତିତ୍ୱ । ବିଏସ୍‌ସି ଓ ଏଲଏଲ୍‌ବି ପାସ୍ କରିବା ପରେ ସେ ଓକିଲାତି କରିଥିଲେ । ଉଲ୍ଲେଖ ଯୋଗ୍ୟ ଯେ, ଶ୍ରୀ ପାତ୍ର ୧୯୯୦ ମସିହାରୁ ଲଗାତର ବିଧାନସଭାକୁ ନିର୍ବାଚିତ ହୋଇ ଆସୁଛନ୍ତି । ଚଳିତ୍ ଥର ସପ୍ତମଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ଗଞ୍ଜାମ ଜିଲ୍ଲାର ମୋହନା ନିର୍ବାଚନ ମଣ୍ଡଳିରୁ ୪ଥର ଓ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପରେ ସେ ଦିଗ ପହଣ୍ଡିରୁ ଲଗାତର ୩ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ୧୯୭୭ ବ୍ରହ୍ମପୁର ମ୍ୟୁନିସିପାଲିଟିରେ କାଉନସିଲର ଭାବେ ସକ୍ରିୟ ରାଜନୀତିକ କ୍ୟାରିୟର ଆରମ୍ଭ କରିଥିଲେ । ସେ ୧୯୯୦ରେ ପ୍ରଥମେ ମୋହନା ନିର୍ବାଚନ ମଣ୍ଡଳୀରୁ ଜନତା ଦଳ ଟିକେଟରେ ନିର୍ବାଚିତ ହୋଇ ବିଧାନସଭାକୁ ପ୍ରବେଶ କରିଥିଲେ । ପ୍ରଥମ ବିଧାୟକ ହୋଇଥିଲେ ହେଁ ଶ୍ରୀ ପାତ୍ରଙ୍କୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ତାଙ୍କ ମନ୍ତ୍ରିମଣ୍ଡଳରେ ସାମିଲ କରିଥିଲେ । ପୁଣି ସେ ୧୯୯୫ରେ ସେହି ମୋହନା ଆସନରୁ ଜନତାଦଳ ଟିକେଟରେ ପୁନଃ ନିର୍ବାଚିତ ହୋଇଥିଲେ। ପରେ ୨୦୦୦ ଓ ୨୦୦୪ରେ ବିଜେଡ଼ି ଟିକେଟରେ ଏହି ଆସନରୁ ନିର୍ବାଚିତ ହୋଇଥିବା ବେଳେ ୨୦୦୯ ନିର୍ବାଚନରେ ଶ୍ରୀ ପାତ୍ର ଦିଗପହଣ୍ଡି ବିଧାନସଭା ଆସନରୁ ଜିତିଥିଲେ । ସେହି ଆସନରୁ ସେ କ୍ରମାଗତ ୩ଥର ନିର୍ବାଚିତ ହୋଇ ଆସିଛନ୍ତି । ୨୦୦୦-୧୯ ମଧ୍ୟରେ ଅଳ୍ପ କିଛି ବର୍ଷ ଛାଡ଼ିଦେଲେ ସେ ନବୀନ ମନ୍ତ୍ରିମଣ୍ଡଳରେ ରାଜସ୍ୱ, ଶକ୍ତି, ଖାଦ୍ୟଯୋଗାଣ ଓ ଖାଉଟି, ସମବାୟ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହେବାର ସୌଭାଗ୍ୟଲାଭ କରିଥିଲେ । ଚଳିତ ବିଧାନସଭାରେ ବିରୋଧୀଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଗୃହ ପରିଚାଳନା କ୍ଷେତ୍ରରେ ଅନେକ ଚ୍ୟାଲେଞ୍ଜ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାକୁ କିପରି ଶ୍ରୀ ପାତ୍ର କିଭଳି ପରିଚାଳନା କରିବେ ତାହାକୁ ଦେଖିବାକୁ ବାକି ରହିଲା । ବାଚସ୍ପତି ପଦବୀ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ । ଆଶା ଦଳମତରୁ ଊର୍ଦ୍ଧ୍ୱରେ ରହି ଶ୍ରୀ ପାତ୍ର ଗଣତନ୍ତ୍ରର ସୁରକ୍ଷା ଦିଗରେ କାମ କରିବେ ଓ ସବୁ ଦଳର ସଦସ୍ୟଙ୍କୁ ଉଚିତ୍ ନ୍ୟାୟ ଦେବେ ।

# ସାବିତ୍ରୀ ଓଷା

**।। ଡ଼ଃ.ଅରୁନ୍ଧତୀ ଦେବୀ ।।**

ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ସାବିତ୍ରୀ ବ୍ରତ ଅନ୍ୟତମ । ଜ୍ୟେଷ୍ଠମାସ ଅମାବାସ୍ୟା ତିଥିରେ ଏହା ପାଳନ କରାଯାଉଥିବାରୁ ସେ ଦିନଟି ସାବିତ୍ରୀ ଅମାବାସ୍ୟା ଭାବରେ ପରିଚିତ । ସଧବା ନାରୀମାନଙ୍କ ଦ୍ୱାରା ପାଳିତ ହେଉଥିବା ବ୍ରତଗୁଡ଼ିକ ମଧ୍ୟରୁ ଏହା ଏକ ଶ୍ରେଷ୍ଠ ବ୍ରତ । ସତୀ, ସାଧ୍ୱୀ ପତିବ୍ରତା ସାବିତ୍ରୀଙ୍କ ସ୍ମରଣ ସାଙ୍ଗକୁ ତାଙ୍କ ପନ୍ଥା ଅନୁସରଣ ହେଉଛି ସାବିତ୍ରୀ ବ୍ରତ ପାଳନର ମୂଳ ଲକ୍ଷ୍ୟ । ସଧବା ନାରୀ ପାଇଁ ତାର ସ୍ୱାମୀ ସର୍ବସ୍ୱ । ସାବିତ୍ରୀ ବ୍ରତ ପାଳନ କରି ନାରୀ ନିଜ ପତିଙ୍କ ଦୀର୍ଘାୟୁ କାମନା କରିଥାଏ । ସାବିତ୍ରୀ ବ୍ରତ କଥାରେ ଉଲ୍ଲେଖ ରହିଛି ଯେ ଜ୍ୟେଷ୍ଠ କୃଷ୍ଣ ଅମାବାସ୍ୟା ଦିନ ସାବିତ୍ରୀ ନାମ ସ୍ମରଣ କରି ଯେଉଁ ନାରୀ ପବିତ୍ର ମନରେ ସାବିତ୍ରୀ ବ୍ରତ କରିବ ସେ ନାରୀ ଜନ୍ମେ ଜନ୍ମେ ସଧବା ରହିବ ଓ ପତି ପରାୟଣ ହୋଇ ପୁତ୍ରବତୀ, ଧନବତୀ ହେବ ଏବଂ ଅନ୍ତିମ କାଳରେ ବୈକୁଣ୍ଠପ୍ରାପ୍ତି ହେବ । ବିଭିନ୍ନ ଅଞ୍ଚଳରେ ନାନା ବିଧିରେ ସାବିତ୍ରୀବ୍ରତ ପାଳନ ହୋଇଥାଏ । କେତେକ ସ୍ଥାନରେ ଶାଳପୁଆ ଥୋଇ ବଟମୂଳରେ, ଚଉରା ମୂଳରେ ପୂଜା କରାଯାଉଥିବା ବେଳେ ଆଉ କେତେକ ସ୍ଥାନରେ ସାବିତ୍ରୀ ମନ୍ଦିରରେ ପୂଜା କରାଯାଏ । ଏହି ବ୍ରତରେ ସାବିତ୍ରୀ ଦେବୀ, ଯମଦେବତା ଏବଂ ସତ୍ୟବାନଙ୍କୁ ପୂଜା କରାଯାଇଥାଏ । କେତେକ ସ୍ଥାନରେ ମଧ୍ୟ ସାବିତ୍ରୀ ଦେବୀ, ଯମଦେବତା ଏବଂ ସତ୍ୟବାନଙ୍କ ସହିତ ଲକ୍ଷ୍ମୀନାରାୟଣଙ୍କୁ ପୂଜା କରାଯାଇଥାଏ । ସାବିତ୍ରୀ ବ୍ରତ ପାଳନର



ସ୍ୱତନ୍ତ୍ରତା ହେଉଛି ଏହି ପୂଜାରେ ଅଗ୍ନିଦ୍ୱାରା ସିଦ୍ଧ କୌଣସି ପଦାର୍ଥ ଠାକୁରଙ୍କୁ ନୈବେଦ୍ୟ ରୂପେ ଅର୍ପଣ କରଯାଏ ନାହିଁ । ବିଭିନ୍ନ ପ୍ରକାର ଫଳ ଓ ଧୁଆ ମୁଗ ହିଁ ଏଥିପାଇଁ ଦରକାର ହୋଇଥାଏ । ସାବିତ୍ରୀ ବ୍ରତ କଥାରୁ ଜଣାଯାଏ ଯେ ସ୍ତ୍ରୀମାନେ ଶୀଳପୁଆକୁ ପଞ୍ଚାମୃତରେ ଶୁଦ୍ଧପୁତ କରି ସ୍ନାନ କରାଇ ସାବିତ୍ରୀ ରୂପରେ ଥାପନ୍ତି । ଫୁଲଚନ୍ଦନ, ଧୂପ ଦୀପ ଓ ନୈବେଦ୍ୟ ତାଙ୍କଠାରେ ଅର୍ପଣ କରନ୍ତି । କଇଁ, କଳାମାଳି ଓ ନୂଆ ଲୁଗା ରଖାଯାଏ । ଆମ୍ବ, ପଣସ, ଖଜୁରୀ, ତାଳ, ନଡ଼ିଆ, ମୁଗ, ବତୁରା, ସପୁରୀ ପ୍ରଭୃତି ପୂଜା କରାଯାଏ । ଓଡ଼ିଆ ଘରେ ବୋହୂମାନେ ପାହାନ୍ତାରୁ ଉଠି ଗାଧୁଆ ସାରନ୍ତି ପାଟପଟନୀ ପରିଧାନ କରି ଶୁଦ୍ଧ ମନରେ ସାବିତ୍ରୀ ପୂଜାରେ ମନ ଦିଅନ୍ତି । ଉପବାସ ରୁହନ୍ତି । ପୂର୍ବ ରାତିରେ ମୁଗ ବତୁରାଇ ଥାଆନ୍ତି । ଅପରାହ୍ନରେ ପୂଜା ଶେଷ ହେଲେ ଗଜାମୁଗ, ତାଳ, ନଡ଼ିଆ, ଖଜୁରି, କୋଳି, ପଣସ, ଆମ୍ବ ଓ ସପୁରୀ ପ୍ରଭୃତି ଫଳ ଆହାର କରନ୍ତି ।

ପୌରାଣିକ ପୃଷ୍ଠଭୂମି ଅନୁସାରେ ସାବିତ୍ରୀ ମଦ୍ର ନରପତି ଅଶ୍ୱପତିଙ୍କର କନ୍ୟା ଏବଂ ସେ ଶାଲ୍ୱ ଦେଶାଧିପତି ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ ବିବାହ କରିଥିଲେ । ରାଜ୍ୟ ହରାଇ ପିତାମାତାଙ୍କ ସହିତ ବଣରେ ରହୁଥିଲେ ସତ୍ୟବାନ । ବିବାହର ଏକ ବର୍ଷ ପରେ ସେ ମୃତ୍ୟୁବରଣ କରିବେ ବୋଲି ବିଧି ନିର୍ଦ୍ଦିଷ୍ଟ ଥିଲା । ତେଣୁ ବର୍ଷେ ପୂରିବାର ୩ ଦିନ ପୂର୍ବରୁ ସାବିତ୍ରୀ କଠୋର ଧ୍ୟାନରେ ବସିଲେ । ୪ର୍ଥ ଦିନ ଅର୍ଥାତ୍ ଯେଉଁ ଦିନ ସତ୍ୟବାନଙ୍କ ମୃତ୍ୟୁ ହେବାର ଥିଲା ସେ ଦିନ ଶାଶୁ ଶ୍ୱଶୁରଙ୍କୁ ପ୍ରଣାମ କରି ପତିଙ୍କୁ ଧରି ସାବିତ୍ରୀ ବଣକୁ ଗଲେ । ସେଠାରେ ସତ୍ୟବାନ କାଠ କାଟୁଥିବା ବେଳେ ମସ୍ତକରେ ପୀଡ଼ା ଅନୁଭବ କଲେ ଏବଂ ସାବିତ୍ରୀଙ୍କ କୋଳରେ ମସ୍ତକ ରଖି ଚିରଦିନ ପାଇଁ ଆଖି ବୁଜିଲେ । ଏହାପରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସତ୍ୟବାନ ଶରୀରରୁ ଅଙ୍ଗୁଳି ପରିମିତ ଜୀବନକୁ ଫାସରେ ବାନ୍ଧି ଦକ୍ଷିଣାଭିମୁଖୀ ଯାତ୍ରା କରିବା ମାତ୍ରକେ ସାବିତ୍ରୀ ତାଙ୍କର ଅନୁଗମନ କଲେ । ଯମରାଜ ଯେତେ ବୁଝାଇଲେ ସେ ବୁଝିଲେ ନାହିଁ । ତେଣୁ ଯମତାଙ୍କୁ ସତ୍ୟବାନଙ୍କ ଜୀବନ ବ୍ୟତୀତ ଅନ୍ୟ ଯାହା ମାଗିଲେ ଦେବେ ବୋଲି କହିଲେ । ସାବିତ୍ରୀ କହିଲେ ମୋର ଅନ୍ଧ ଶ୍ୱଶୁରଙ୍କୁ ଚକ୍ଷୁଦାନ କରି ତେଜସ୍ୱୀ କରନ୍ତୁ । ଯମରାଜ ତଥାସ୍ତୁ କହିଲେ । ଶେଷରେ ସେ ନିଜ ପାଇଁ ଶହେ ପୁତ୍ର ମାଗିଲେ । ଯମରାଜ ତଥାସ୍ତୁ କହନ୍ତେ ବୁଦ୍ଧିମତୀ ସତୀ ସାବିତ୍ରୀ କହିଲେ ଆପଣତ ମୋର ପତିଙ୍କୁ ନେଇ ଯାଉଛନ୍ତି ମୁଁ ପୁତ୍ରବତୀ ହେବି କିପରି । ଶେଷରେ ସାବିତ୍ରୀଙ୍କ ପାଖରେ ପରାଜୟ ସ୍ୱୀକାର କରି ଯମରାଜ ସତ୍ୟବାନଙ୍କ ଜୀବନ ଫେରାଇ ଦେଇଥିଲେ । ସତ୍ୟବାନ ପୁନଃ ଜୀବନ ଲାଭ କରି ସାବିତ୍ରୀଙ୍କୁ ଧରି ଆଶ୍ରମକୁ ଫେରିଗଲେ ଏବଂ ପିତାଙ୍କ ଚକ୍ଷୁଲାଭ, ରାଜ୍ୟଲାଭ କରିଥିବା ଦେଖି ସମସ୍ତ କଥା ଶୁଣି ପତିବ୍ରତା ନାରୀର ପ୍ରଶଂସା କଲେ । ସତ୍ୟବାନ ସିଂହାସନରେ ବସିଲେ, ଶତପୁତ୍ର ଲାଭ କଲେ ଏବଂ ସାବିତ୍ରୀ ନାରୀ ଜଗତରେ ଚିରଦିନ ପୂଜ୍ୟା ଏବଂ ସ୍ମରଣୀୟ ହୋଇ ରହିଲେ । ଏହି ପତିବ୍ରତା ନାରୀଙ୍କୁ ସ୍ମରଣ କରିବା ପାଇଁ ପ୍ରତି ବର୍ଷ ପାଳିତ ହେଉଛି ସାବିତ୍ରୀ ଓଷା ।

**ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର,**
**ଦୂରଭାଷ : ୯୯୩୭୧୭୨୮୧୦**

# ପତିବ୍ରତାର ସଂକଳ୍ପ

**ନାଟ୍ୟସାରଥି ଅଭୟ କୁମାର ଦାସ**

ଭାରତୀୟ ସଂସ୍କୃତିରେ ନାରୀର ସ୍ଥାନ ଅତି ଉଚ୍ଚରେ । ସେ ଏକାଧାରରେ ଜାୟା, ଜନନୀ ଓ ଭଗିନୀ । ଅଧିକାଂଶ ପୁରୁଷଙ୍କ ସଫଳତା ପଛରେ ଥାଏ ଜଣେ ଜଣେ ନାରୀଙ୍କ ପ୍ରେରଣା- ଏହା ବିଶ୍ୱରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଜୀବନୀ ଅନୁଧ୍ୟାନ କଲେ ଜଣାଯାଇଥାଏ । ପବିତ୍ରତା ଧର୍ମ ନାରୀର ଶ୍ରେଷ୍ଠ ଧର୍ମ । ସତୀ ଅନସୂୟା, ଜନକନନ୍ଦିନୀ ସୀତା, ମହାରାଣୀ ଶବ୍ୟା ଓ ସାବିତ୍ରୀ ପ୍ରତ୍ୟେକ ଆଦର୍ଶର ଜଣେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ । ପରିବର୍ତ୍ତିତ ପରିସ୍ଥିତିରେ ବି ଏମାନେ ସମଗ୍ର ନାରୀ ସମାଜ ପାଇଁ ଆଦର୍ଶ ହୋଇ ରହିଛନ୍ତି । ପବିତ୍ରତା ଧର୍ମର ଶ୍ରେଷ୍ଠ ନିଦର୍ଶନ ଦେଖାଇଥିଲେ ସାବିତ୍ରୀ । ଏହାରି ବଳରେ ସେ ମୃତ୍ୟୁର ଦେବତା ଯମଙ୍କ କବଳରୁ ନିଜ ସ୍ୱାମୀଙ୍କୁ ବଞ୍ଚାଇବାରେ ଯେ ସମର୍ଥ ହୋଇଥିଲେ ତାହା ନୁହେଁ, ଶାଶୁ ଶଶୁରଙ୍କ ଦୃଷ୍ଟିଶକ୍ତି ସହ ତାଙ୍କର ଅପହୃତ ରାଜ୍ୟ ଫେରି ପାଇବାରେ ମଧ୍ୟ ସହାୟକ ହୋଇଥିଲେ ।

ମଦ୍ର ଦେଶର ରାଜା ଅଶ୍ୱପତିଙ୍କର କନ୍ୟା ଥିଲେ ସାବିତ୍ରୀ । ରୂପଗୁଣରେ ସାବିତ୍ରୀଙ୍କ ସମକକ୍ଷ କେହି ନଥିଲେ । ବିବାହଯୋଗ୍ୟ ବୟସରେ ରାଜା ତାଙ୍କୁ ନିଜେ ପତି ନିର୍ବାଚନ କରିବା ଭାର ଅର୍ପଣ କରିଥିଲେ । ସାବିତ୍ରୀ ବର ଭାବରେ ନିର୍ବାଚନ କରିଥିଲେ ରାଜ୍ୟ ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ। ଦ୍ୟୁମତ ସେନ ଓ ତାଙ୍କ ସ୍ତ୍ରୀ ଚକ୍ଷୁହୀନ



ହୋଇପଡ଼ିବାରୁ ଶତ୍ରୁମାନେ ତାଙ୍କୁ ରାଜ୍ୟରୁ ତଡ଼ିଦେଇ ରାଜଗାଦି ମାଡ଼ି ବସିଥିଲେ । ଏକମାତ୍ର ପୁତ୍ର ସତ୍ୟବାନ ଥିଲେ ସର୍ବଲକ୍ଷଣଯୁକ୍ତ, ସତ୍ୟନିଷ୍ଠ ତଥା ଧର୍ମପରାୟଣ । ପିତାଙ୍କ ନିକଟରେ ପତି ନିର୍ବାଚନ କଥା ସାବିତ୍ରୀ କହୁଥିବା ସମୟରେ ଜାଣିବାକୁ ପାଇଥିଲେ ସତ୍ୟବାନଙ୍କ ସ୍ୱଳ୍ପଆୟୁ ସମ୍ପର୍କରେ - ଏକବର୍ଷ ମଧ୍ୟରେ ମୃତ୍ୟୁ । କ୍ଷଣଆୟୁସମ୍ପନ୍ନ ସତ୍ୟବାନଙ୍କ ଠାରୁ ମନ ଫେରାଇଆଣି ଅନ୍ୟପତି ନିର୍ବାଚନ ପାଇଁ ଚାହିଁଥିଲେ ତାଙ୍କର ପିତାମାତା । ସାବତ୍ରୀ କିନ୍ତୁ ଥିଲେ ଦୃଢ଼ପ୍ରତୀଜ୍ଞ, ସଂକଳ୍ପବଦ୍ଧ । ମନଭିତରେ ଯାହାଙ୍କୁ ପତି ରୂପେ ବରଣ କରିଛନ୍ତି କୌଣସି ପରିସ୍ଥିତିରେ ତାଙ୍କୁ ଦୂରେଇ ଦେବାକୁ ସେ ଚାହିଁ ନଥିଲେ । ବିବାହ ନ କରିଥିଲେ ବି ମନେ ମନେ ତାଙ୍କୁ ସ୍ୱାମୀ ଭାବରେ ବରଣ କରିଥିଲେ । ଘୋର ଅନିଚ୍ଛା ସତ୍ତ୍ୱେ ପିତା ଅଶ୍ୱପତି ସତ୍ୟବାନଙ୍କ ସହ ତାଙ୍କର ବିବାହ କରାଇ ଦେଇଥିଲେ । ଜଙ୍ଗଲକୁ କାଷ୍ଠ ସଂଗ୍ରହ ପାଇଁ ପ୍ରତ୍ୟହ ଯାଉଥାନ୍ତି ସତ୍ୟବାନ । ସେଦିନ ଦ୍ୟୁମନ ସେନଙ୍କ ଅନୁମତି ନେଇ ସତ୍ୟବାନଙ୍କ ସହ ଜଙ୍ଗଲକୁ ଯାଇଥିଲେ ସାବିତ୍ରୀ । କାଷ୍ଠ ସଂଗ୍ରହ ବେଳେ ସତ୍ୟବାନ ଅବଶ ଓ କ୍ଲାନ୍ତ ହୋଇପଡ଼ିଲେ । ସେହିଠାରୁ ସତ୍ୟବାନ ପ୍ରାଣତ୍ୟାଗ କଲେ । ଯମଦୂତମାନେ ସାବିତ୍ରୀଙ୍କଠାରୁ ସତ୍ୟବାନଙ୍କୁ ନେବାରେ ଅସମର୍ଥ ହେବାରୁ ସ୍ୱୟଂ ଯମ ଦେବତା ଶେଷରେ ଆସି ପହଞ୍ଚିଥିଲେ । ଯମ ଦେବତା ସତ୍ୟବାନଙ୍କ ପ୍ରାଣହୀନ ପିଣ୍ଡକୁ ନେଇ ସ୍ୱର୍ଗଲୋକ ଯାତ୍ରା ସମୟରେ ସାବିତ୍ରୀ ତାଙ୍କର ପଶ୍ଚାତ୍‌ଧାବନ କଲେ । ତାଙ୍କର ଅଦ୍ଭୁତ ପବିତ୍ରତା, ସଂକଳ୍ପଶକ୍ତି, ଏକାଗ୍ରତା ଯମରାଜାଙ୍କୁ ମଧ୍ୟ ବିସ୍ମିତ କରିଦେଇଥିଲା । ଆୟୁଷ ପୂରିଯାଇଥିବା ସତ୍ୟବାନଙ୍କ ଜୀବନ ଭିକ୍ଷା ବ୍ୟତୀତ ତିନୋଟି ବର ମାଗିବାକୁ ସେ ସାବତ୍ରୀଙ୍କୁ କହିଥିଲେ । ବେଳେବେଳେ ଏପରି ସମୟ ଆସେ ମନୁଷ୍ୟ ତ ଛାର, ଦେବତାମାନେ ମଧ୍ୟ କିଂକର୍ତ୍ତବ୍ୟବିମୂଢ଼ ହୋଇ ନତି ସ୍ୱୀକାର କରିଥାନ୍ତି । ତାହାହିଁ ହୋଇଥିଲା। ମୃତ୍ୟୁର ଦେବତା ଯମରାଜ ପୁତ୍ର ସନ୍ତାନର ଜନନୀ ହେବା ବର ଯଚାରେ ସାବିତ୍ରୀ ଫେରି ପାଇଥିଲେ ସତ୍ୟବାନଙ୍କ ଜୀବନ । ଭକ୍ତି ଓ ଦୃଢ଼ସଂକଳ୍ପ ବଳରେ ଅସମ୍ଭବ କିପରି ସମ୍ଭବ ହୋଇଥାଏ, ତା'ର ନିଦର୍ଶନ ରଖିଯାଇଛନ୍ତି ସାବିତ୍ରୀ ଯୁଗଯୁଗକୁ ।

*ଗୋତରା, ମାହାଙ୍ଗା, କଟକ,*
*ଦୂରଭାଷ : ୯୪୩୭୧୪୨୭୧୭*

# ମର୍ତ୍ତ୍ୟ ମଣ୍ଡଳେ ଦେହ ବହି...

**ଡଃ.ଉତ୍ତମ ଚରଣ ନାୟକ**

ପ୍ରଫେସର ବାସୁଦେବ ସାହୁ ଥିଲେ ଏକାଧାରରେ ଜଣେ ସୁନାମଧନ୍ୟ ଅର୍ଥନୀତିଜ୍ଞ, ସ୍ତମ୍ଭକାର, କବି, ଗାଳ୍ପିକ, ଉପନ୍ୟାସିକ ଓ ପ୍ରାବନ୍ଧିକ। ଜୀବନୀ ଓ ଭ୍ରମଣ ସାହିତ୍ୟରେ ସେ ଜଣେ ସଫଳ ସ୍ରଷ୍ଟା। ଆମେରିକାରେ କିଛି ଦିନ ପୁସ୍ତକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲେ। ଭଦ୍ରକ ଜିଲ୍ଲାର ଧୁଷୁରୀ ପଞ୍ଚାୟତର ସାହାସପୁର ଗ୍ରାମରେ ୧୯୩୪ ମସିହା ଅକ୍ଟୋବର ୪ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ଦୁଇ ଭାଇ ଓ ଗୋଟିଏ ଭଉଣୀ ଭଦ୍ରକ ହାଇସ୍କୁଲରୁ ମାଟ୍ରିକ ପାସ କରିଥିଲେ। ତାଙ୍କ ବାପା କଲିକତାରେ ରହୁଥିବା ହେତୁ ସେ ସ୍କଟିସ ଚର୍ଚ୍ଚ କଲେଜରେ ଆଇ.ଏ ଓ ଅର୍ଥନୀତି ଅନର୍ସ ନେଇ ଖ୍ୟାତନାମା ପ୍ରେସିଡେନ୍ସି କଲେଜରୁ କୃତିତ୍ୱର ସହ ବି.ଏ. ପାସ କରିଥିଲେ। ଅର୍ଥନୀତିର ପ୍ରଫେସର ଆଲୋକ ଘୋଷ ଓ ପ୍ରଫେସର ତାପସ ମଜୁମଦାରଙ୍କର ସେ ଥିଲେ ପ୍ରିୟ ଛାତ୍ର। ୧୯୫୬ ମସିହାରେ ଓଡ଼ିଶା ଫେରିଆସି ରେଭେନ୍ସା କଲେଜରେ ଏମ୍.ଏ ଅର୍ଥନୀତି ଅଧ୍ୟୟନ କଲେ। ୧୯୫୮ରେ ଏମ୍.ଏ. ପାସ କରିବା କ୍ଷଣି ଭଦ୍ରକ ମହାବିଦ୍ୟାଳୟରେ ଅଧ୍ୟାପକ ହେଲେ। ମାତ୍ର ଅଢ଼େଇ ମାସ ପରେ ପିଏସସି ପାଇ ଗଙ୍ଗାଧର ମେହେର ସରକାରୀ କଲେଜରେ ଯୋଗ ଦେଲେ। ଚାକିରି କାଳ ମଧ୍ୟରେ ସେ ବହୁ କଲେଜରେ ଅଧ୍ୟାପନା କରିଛନ୍ତି। ଗଙ୍ଗାଧର ମେହେର କଲେଜ, କଳାହାଣ୍ଡିର ଭବାନୀପାଟଣା କଲେଜ, ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜ, ଏମ୍‌ପିସି କଲେଜ ବାରିପଦା, ନରସିଂହ ଚୌଧୁରୀ କଲେଜ ଯାଜପୁର ଓ ଖଲ୍ଲିକୋଟ କଲେଜରେ ପ୍ରଫେସର ପଦରେ ଅବସ୍ଥାପିତ ହୋଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଗବେଷଣା କରୁଥିବା ସମୟରେ ପୁନାର ଗୋଖେଲ ଇନ୍‌ଷ୍ଟିଚ୍ୟୁଟ ଅଫ ପଲିଟିକ୍ସ ଓ ଇକୋନୋମିକରେ ଗାଣିତିକ ଅର୍ଥନୀତି ପଢ଼ିବାକୁ ସିନିୟର ଫେଲୋଭାବେ ଯାଇଥିଲେ। ୧୯୭୯ ମସିହାରେ କମନ୍ ୱେଲ୍‌ଥ ଏକାଡ଼େମିକ ଏକ୍ସଚେଞ୍ଜ ପ୍ରୋଗ୍ରାମରେ ଆଫ୍ରିକୀୟ ଦେଶ କେତୋଟିକୁ ପରିଭ୍ରମଣରେ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ସେ କେନିଆ, ଇଜିପ୍ଟ, ନାଇରୋବି, ଜାମ୍ବିଆ ଓ କାଇରୋରେ ପରିଭ୍ରମଣ କରି ଅନେକ ଜ୍ଞାନ ଆହରଣ କରିଥିଲେ। ତାଙ୍କ ରଚିତ ବମ୍ବେରୁ ନାଇରୋବି ଭ୍ରମଣ କାହାଣୀ ପୁସ୍ତକରେ ସବିଶେଷ ବିବରଣୀ ପ୍ରକାଶିତ। ୧୯୮୨ ମସିହା ଶିକ୍ଷା ବର୍ଷରେ ତାଙ୍କ ଜୀବନରେ ଆସିଲା ଏକ ଉଲ୍ଲେଖନୀୟ ପରିବର୍ତ୍ତନ। ପ୍ରଫେସର ଏବଂ ବିଭାଗୀୟ ମୁଖ୍ୟ ପଦରେ ରେଭେନ୍ସା କଲେଜରେ ଯୋଗ ଦେଲେ। ପରିଶେଷରେ ୧୯୯୦ ମସିହାରେ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍‌ରେ ପ୍ରଫେସର ରୂପେ ଯୋଗ ଦେଇ ଗବେଷଣାରତ ଥିଲେ। ୧୯୯୧ ମସିହା ମେ' ମାସ ୩୧ ତାରିଖରେ ଅବସର ନେଲେ। ପ୍ରଫେସର ସାହୁଙ୍କର ଚାକିରୀ କାଳ ମଧ୍ୟରେ ଓ ପରେ ମଧ୍ୟ ତାଙ୍କ ତତ୍ତ୍ୱାବଧାନରେ ଅନ୍ୟୁନ ୩୫ଜଣ ଅର୍ଥନୀତି ଗବେଷକ ପିଏଚ୍‌ଡି ଡିଗ୍ରୀ ଲାଭ କରିଛନ୍ତି। ଏ ଲେଖକ ତନ୍ମଧ୍ୟରୁ ଜଣେ।

ପ୍ରଫେସର ସାହୁ ଥିଲେ ଜଣେ ଉତ୍ତମ ଅଧ୍ୟାପକ ଓ ଗବେଷଣାର ଦିଗଦର୍ଶକ। ଓଡ଼ିଶା ଅର୍ଥନୀତି ସଂସଦର ସଭାପତି ତଥା ସର୍ବଭାରତୀୟ ଅର୍ଥନୀତି ସଂସଦ ଓ ଶ୍ରମ ଅର୍ଥନୀତିର ଆଜୀବନ ସଭ୍ୟ। ସେ ପ୍ରାୟ ପ୍ରତ୍ୟେକ ବର୍ଷ ଭାରତୀୟ ଅର୍ଥନୀତି ସଂଘର ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥାନ୍ତି। ମୁଁ ମଧ୍ୟ ତାଙ୍କ ସହିତ ସେହି ସମ୍ମିଳନୀରେ ଭାରତର ଅନେକ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବାର ସୁଯୋଗ ପାଇଅଛି। ସେ ପ୍ରାୟ ପ୍ରତ୍ୟେକ ସମ୍ମିଳନୀର ଆଲୋଚନାରେ ଭାଗ ନେଇଥାନ୍ତି। ଅବସର ପରଠାରୁ କେବେହେଲେ ସେ ବସି ନଥିଲେ। ସଦାସର୍ବଦା ଚଳଚଞ୍ଚଳ, ଲେଖାଲେଖିରେ ସମୟ ବିତାଉଥିଲେ। ୨୦୦୨ ମସିହାରେ ଯାଇଥିଲେ ବିଶ୍ୱର ଶ୍ରେଷ୍ଠ ବିତ୍ତଶାଳୀ ତଥା ଶକ୍ତିଶାଳୀ ଦେଶ ଯୁକ୍ତରାଷ୍ଟ୍ର ଆମେରିକା।

୧୯୮୦ ମସିହାରେ ଲୋକନାୟକ ଜୟପ୍ରକାଶଙ୍କ ଦେହାନ୍ତ ପରେ ସାମ୍ୟବାଦୀ ନେତା ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ସହଯୋଗରେ କ୍ରାନ୍ତିପଥ ନାମକ ଏକ ତ୍ରୈମାସିକ ଓଡ଼ିଆ ପତ୍ରିକା ପ୍ରକାଶିତ କରିବାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଅର୍ଥନୀତି ପଢ଼ାଇବାରେ ତାଙ୍କୁ ଯେତିକି ଆନନ୍ଦ ମିଳୁଥିଲା ଠିକ ସେହି ପରିମାଣରେ ଆନନ୍ଦ ମିଳୁଥିଲା ଗବେଷଣା, ଆଲୋଚନା ଓ ସାହିତ୍ୟ ସୃଷ୍ଟିରେ। କବିତା, ପ୍ରବନ୍ଧ, ଗଳ୍ପ, ଲେଖକ ଓ ଅନୁବାଦକ ରୂପେ ସେ ବିଶେଷ ଖ୍ୟାତିଲାଭ କରିଛନ୍ତି। ବଙ୍ଗୀୟ ସାହିତ୍ୟ, ବିଶେଷକରି ବିଶ୍ୱଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କର ସାହିତ୍ୟ ପ୍ରତି ତାଙ୍କର ବିଶେଷ ଅନୁରକ୍ତି। ସମସାମୟିକ ଜୀବନର ସୂକ୍ଷ୍ମ ଅନୁଚିନ୍ତନ ତଥା ପ୍ରେମାନୁଭୂତିର କାବ୍ୟିକ ପରିପ୍ରକାଶରେ ସେ ସିଦ୍ଧହସ୍ତ। ସେ ପ୍ରାୟ କୋଡିଏଟି ପୁସ୍ତକ ରଚନା କରିଛନ୍ତି। ତାଙ୍କର ଅନ୍ୟ ଏକ ତ୍ରୈମାଦିକ ଇଂରାଜୀ ପତ୍ରିକା ଭିଜନ ଯାହାକୁ ସେ ଆଜି ପର୍ଯ୍ୟନ୍ତ ପ୍ରକାଶ କରି ଆସୁଥିଲେ। ଏହି ପତ୍ରିକାର ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ବହୁ ସୁଧୀବୃନ୍ଦଙ୍କ ଗହଣରେ ଜୟପ୍ରକାଶଙ୍କ ଜୟନ୍ତୀରେ ପାଳିତ ହୁଏ। ପୁସ୍ତକ ଲେଖିବାରେ ସେ ଧୂରିଣ ଅଟନ୍ତି। ତାଙ୍କ ରଚିତ ଅନେକ ଉପାଦେୟ ପୁସ୍ତକ ବିଶ୍ୱବିଦ୍ୟାଳୟରେ ଓ ମହାବିଦ୍ୟାଳୟରେ ପ୍ରଚଳିତ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ ଆଦୃତ। ଏହି ଲେଖକଙ୍କର ମିଳିତ ସହଯୋଗରେ ରଚିତ ଓଡ଼ିଆରେ ପ୍ରକାଶିତ ଅନେକ ପୁସ୍ତକ ଉଚ୍ଚମାଧ୍ୟମିକ ଛାତ୍ରଙ୍କ ଦ୍ୱାରା ପ୍ରଶଂସିତ। ପ୍ରଫେସର ସାହୁଙ୍କ ଦ୍ୱାରା ରଚିତ ଆତ୍ମଜୀବନୀ ଜୀବନର ଯାତ୍ରାପଥେ ଆଜି ସମାପ୍ତ ହୋଇଯାଇଅଛି। ଜୀବନ ଯାତ୍ରାର ଆଜି ଅନ୍ତିମ ପର୍ଯ୍ୟାୟ। କ୍ରାନ୍ତିପଥ ସ୍ରଷ୍ଟାଙ୍କର ଶେଷ ଯାତ୍ରା। ବାସ୍ତବରେ ସେ ନିଜେ ହେଉଛନ୍ତି କ୍ରାନ୍ତିପଥର ଯାତ୍ରୀ। ସାର ଆପଣଙ୍କର ଏହି ଅକାଳ ବିୟୋଗରେ ଆପଣଙ୍କ ପରିବାର ସହ ଆମ୍ଭେ ସମସ୍ତେ ମର୍ମାହତ। ସମସ୍ତ ପ୍ରଶଂସକଙ୍କ କଣ୍ଠରୁ ନିଃସୃତ ହେଉଛି ଯେ ଆପଣ ଅସତ୍ୟରୁ ସତ୍ୟକୁ - ଅନ୍ଧାରରୁ ଆଲୋକକୁ ଏବଂ ମୃତ୍ୟୁରୁ ଅମୃତ୍ୟକୁ ମହାଯାତ୍ରା କରୁଛନ୍ତି। ଆପଣ ଯେମିତି ଆମକୁ କହୁଛନ୍ତି - 'ଯାଉଛି ଅମରଧାମେ, କୁହ ସିନା ମୃତ୍ୟୁ ତୁମେ ବାହୁଡ଼ା ବିଜୟ ମୋର ନୁହଇ ମରଣ'।

*ଅବସରପ୍ରାପ୍ତ ଅଧ୍ୟକ୍ଷ, ସିଡିଏ, କଟକ*



# ବିପର୍ଯ୍ୟସ୍ତ ହୋଇ ପଡିଛି ପରିମଳ ବ୍ୟବସ୍ଥା
# ସହରରେ ଜମା ହୋଇ ରହିଛି କୁଢକୁଢ ଆବର୍ଜନା

ଦଶପଲ୍ଲା,୩/୬ (ନି.ପ୍ର): ନୟାଗଡ ଜିଲ୍ଲା ଦଶପଲ୍ଲା ବିଜ୍ଞାପିତ ଅଂଚଳ ପରିଷଦ ମଧ୍ୟରେ ବିପର୍ଯ୍ୟସ୍ତ ହୋଇ ପଡିଛି ପରିମଳ ବ୍ୟବସ୍ଥା। ଗତ ୩ ଦିନ ହେଲା ସହରର ବିଭିନ୍ନ ସ୍ଥାନରେ କୁଢକୁଢ ଆବର୍ଜନା ଜମା ହୋଇ ରହିଥିବା ବେଳେ ଅଧିକାଂଶ ୱାର୍ଡ ମାନଙ୍କରେ ପ୍ରାୟ ୬ ମାସରୁ ଉର୍ଦ୍ଧ୍ୱ ହେବ ବାଜୁନି ଝାଡୁ। ଫଳରେ ୱାର୍ଡ ମାନଙ୍କରେ ଆବର୍ଜନା ଜମା ହୋଇ ରହିବା ସହ ଡ୍ରେନେଜ୍ ସମସ୍ୟା ମଧ୍ୟ ଜଟିଳ ହେବାରେ ଲାଗିଛି। ଝାଡୁଦାର ମାନେ ସହରରେ ଦୈନିକ ଝାଡୁ ମାରୁଥିବା ବେଳେ ଟ୍ରାକ୍ଟର ସମସ୍ୟାକୁ ନେଇ ଆବର୍ଜନା ଉଠି ପାରୁନଥିବା ଝାଡୁଦାର ମାନେ ପ୍ରକାଶ କରିଛନ୍ତି। ଏପଟେ କିନ୍ତୁ ଝାଡୁଦାନ ମାନଙ୍କୁ ଗତ ୨ ମାସର ଦରମା ମଧ୍ୟ ମିଳି ପାରିନଥିବା ସେମାନେ ପ୍ରକାଶ କରିଛନ୍ତି। କିନ୍ତୁ ବଡ କଥା ହେଉଛି ପ୍ରାୟ ୧ ବର୍ଷ ରୁ ଉର୍ଦ୍ଧ୍ୱ ହେବ ପରିମଳ ନେଇଥିବା ଠିକାସଂସ୍ଥାର ଟେଣ୍ଡର ଅବଦ୍ଧି ଶେଷ ହୋଇଥିବା ବେଳେ ଏଥିପ୍ରତି ଜିଲ୍ଲା ପ୍ରଶାସନ କିମ୍ବା



ଏନ୍ଏସି କତୃପକ୍ଷ ସାମାନ୍ୟତମ ଗୁରୁତ୍ୱ ଦେଉନଥିବା ଦେଖିବାକୁ ମିଳୁଛି। ପରିମଳ ବ୍ୟବସ୍ଥା ପାଇଁ ଗତ ଜୁଲାଇ ମାସ ୨୭ ତାରିଖ ଦିନ ଏକ ଟେଣ୍ଡର ପ୍ରକାଶ ପାଇଥିଲା। ଟେଣ୍ଡର ଗ୍ରହଣର ଶେଷ ତାରିଖ ଅଗଷ୍ଟ ମାସ ୬ ତାରିଖ ରହିଥିଲା। ଏହାପରେ ଟେଣ୍ଡର ଅଗଷ୍ଟ ୭ ତାରିଖ ଦିନ ମଧ୍ୟ ଖୋଲା ଯାଇଥିଲା। ଟେଣ୍ଡର ପାଇଁ ୬ ଜଣ ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଯାଚଂ ସମୟରେ ୩ ଜଣଙ୍କ କାଗଜପତ୍ର ଠିକ୍ ଥିବା ମଧ୍ୟ ଜଣାପଡିଥିଲା। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଗତ ସେପ୍ଟେମ୍ବର ମାସ ୪ତାରିଖ ଦିନ ପତ୍ରସଂଖ୍ୟା ୪୧୬୩ ଅନୁଯାୟୀ ଏକ କମିଟି ଗଠନ କରାଯିବା ସହ ଏହାକୁ ଯାଂଚ କରି ତୁରନ୍ତ ଠିକାସଂସ୍ଥାକୁ ଦାୟୀତ୍ୱ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଯେଉଁ କମିଟିରେ ସଭାପତି ଭାବେ ଚେୟାରମ୍ୟାନ ଓ ତାଙ୍କ ଅନୁପସ୍ଥିତିରେ ଭାଇସ୍ ଚେୟାରମ୍ୟାନ ରହିବା ସହ ମେମ୍ବର ଭାବେ ଏନ୍ଏସି ଆସିଷ୍ଟାଣ୍ଟ ଇଞ୍ଜିନିୟର, ବିଡିଓ, ଏନ୍ଏସି ଆକାଉଟାଂଟ୍ ଓ ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ର ନିର୍ଦ୍ଦେଶ ନାମାକୁ କାର୍ଯ୍ୟକାରୀ କରାନଯାଇ ଟେଣ୍ଡର ପ୍ରକ୍ରିୟାକୁ ବିଭିନ୍ନ ବାହାନା ଦେଖାଇ ସମ୍ପୂର୍ଣ୍ଣ ବାତିଲ କରି ଦିଆଯାଇଥିଲା। ଏହାପରେ ଏନ୍ଏସି ପକ୍ଷରୁ ପୁନର୍ବାର ଟେଣ୍ଡର କରାଯିବା ପରିବର୍ତେ ନାମକୁ ମାତ୍ର କାମଚଳା ଭାବେ କିଛି ଶ୍ରମିକଙ୍କୁ ନିୟୋଜିତ କରାଯାଇ ପରିମଳ କାର୍ଯ୍ୟ କରାଯାଉଛି। ଶ୍ରମିକ ମାନଙ୍କ ପାଇଁ ନା ଅଛି ଆବଶ୍ୟକୀୟ ଆନୁସଙ୍ଗିକ ନା ପ୍ରତି ୱାର୍ଡରେ ବାଜୁଛି ଝାଡୁ। ପରିମଳ ନାମରେ ପ୍ରତି ମାସରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ଚାଲିଥିବା ବେଳେ ଅଂଚଳବାସୀ ଏହାର ଦୁର୍ଦଶା ଭୋଗୁଥିବା ଥିବା ଅଭିଯୋଗ ହେଉଛି। ଆଗକୁ ବର୍ଷାଋତୁ ଆସୁଥିବା ବେଳେ ଏଥିପ୍ରତି ତୁରନ୍ତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ମାତ୍ର ଏସମ୍ପର୍କରେ ଏନ୍ଏସି ନିର୍ବାହୀ ଅଧିକାରୀ ତଥା ତହସିଲଦାର ପ୍ରମୋଦ କୁମାର ଦଳବେହେରା କହିଛନ୍ତି ଆଜି ସହରରୁ ଝାଡୁ ଉଠି ନଥିବା ଜଣାପଡିଛି। କିନ୍ତୁ ଶ୍ରମିକ ମାନଙ୍କ ଦରମା ଦିଆଯାଇଥିବା ବେଳେ ଟେଣ୍ଡର ପାଇଁ କୌଣସି ନିଷ୍ପତି ହୋଇ ନଥିବା ସେ କହିଛନ୍ତି।

# ସରକାରୀ ଗୃହର ସ୍ଥାୟୀତ୍ୱ କମ୍
## ଉତ୍ତର ଦାୟୀତ୍ୱ କାହାରି ଉପରେ ନାହିଁ

ତିହିଡି ୩/୬ (ନି.ପ୍ର.) ଅଧିକାରୀ, ଯନ୍ତ୍ରୀ, ଠିକାଦାର, ନେତା ସମସ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମାଣ ହେଉଛି ସରକାରୀ କୋଠା। ଅଣକୁଶଳୀ ମିସ୍ତ୍ରୀଙ୍କ ଦ୍ୱାରା ନିର୍ମିତ ହୋଇଥିବା ଘରୋଇ କୋଠା ସବୁ ଦମ୍ଭର ସହ ଛିଡ଼ା ହୋଇଥିବା ବେଳେ ବାରମ୍ବାର ମରାମତି ସତ୍ତ୍ୱେ ମାତ୍ର ୧୫ ବର୍ଷ ଭିତରେ ସରକାରୀ କୋଠା ଭାଙ୍ଗିରୁଜି ଯିବା ଘଟଣା ମୋଟା ଅଙ୍କ ଦରମାରେ ଚାକିରୀ କରିଥିବା ଯନ୍ତ୍ରୀମାନଙ୍କର ଦକ୍ଷତା ଉପରେ ପ୍ରଶ୍ନ ଛିଡ଼ା କରିଛି। ଏହାର ଏକ ଉଦାହରଣ ହେଉଛି ତିହିଡ଼ି ବ୍ଲକ ପରିସରରେ ଥିବା ନୀଳମଣି ସଭାଗୃହ। ପଞ୍ଚାୟତ ସମିତି ବୈଠକ ସମେତ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଏଠାରେ ଅନୁଷ୍ଠିତ ହୋଇଥାଏ। ଭିତରେ ବସି ଛାତକୁ ଚାହିଁଲେ ଯେ କେହି ବ୍ୟକ୍ତି ଭୟରେ ଥରି ଉଠିବ। ଛାତର ସିମେଣ୍ଟ ସବୁ ଛାଡ଼ିଯାଇ ଡେମୋକ୍ଲସିଙ୍କ ଖଡ୍ଗ ପରି ଆଁ କରି ରହିଛି। କେଉଁ ମୁହୁର୍ତ୍ତରେ ଖସିବ ତାର କିଛି ଠିକ ଠିକଣା ନାହିଁ। ତତ୍କାଳୀନ ଚାନ୍ଦବାଲି ବିଧାୟକ ବିଷ୍ଣୁ ସେଠୀଙ୍କ ପ୍ରେରଣାରେ ଗତ ୨୦୦୩ରେ ଏହି ବହୁମୁଖୀ ଗୋଷ୍ଠୀ କେନ୍ଦ୍ରଟି ନିର୍ମିତ ହୋଇ ତାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ତତ୍କାଳୀନ ଜିଲାପାଳ ଶ୍ରୀକାନ୍ତ ପାଇକରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଧବୀଲତା ଭୋଇ, ବିଡିଓ ନିକୁଞ୍ଜ ପଟ୍ଟନାୟକ, ସାଂସଦଙ୍କ ପ୍ରତିନିଧି ସୁରେନ୍ଦ୍ର କୁମାର ନାୟକ ପ୍ରମୁଖ ଉଦ୍‌ଘାଟନ ଉତ୍ସବରେ ରହିଥିଲେ। ଏହା ଭିତରେ ମାତ୍ର ୧୬ ବର୍ଷ ଅତିବାହିତ ହୋଇଥିବା ବେଳେ ଏହି ଗୃହଟିକୁ ଦେଖିଲେ ଏତେ କମ୍ ବର୍ଷର ବୋଲି କେହି ମଧ୍ୟ କହିବେ ନାହିଁ। ଇତି ମଧ୍ୟରେ ଏହାର ଛାତ ମରାମତି ମଧ୍ୟ ହୋଇସାରିଛି। ମଝିରେ ମଝିରେ ମଧ୍ୟ ମରାମତି ଚାଲିଛି। ତାହାପରେ ବି ଏହା ବିପଦପୂର୍ଣ୍ଣ ହୋଇପଡ଼ିଛି। ଭିତରେ ଥିବା ପାଇଖାନା ଆଦିର ରକ୍ଷଣା ବେକ୍ଷଣା ନାହିଁ। ଛାତ୍ର ପାର୍ଶ୍ୱରୁ ମଧ୍ୟ ପାଣି ଗଳୁଛି। ଯନ୍ତ୍ରୀ ମାନଙ୍କର ଜ୍ଞାନ କୌଶଳରେ ନିର୍ମିତ ସରକାରୀ କୋଠା ଗୁଡ଼ିକର ଅବସ୍ଥା କାହିଁକି ଏପରି ହେଉଛି ତାହାର ଉତ୍ତର କେବେ ମଧ୍ୟ କେହି ଖୋଜିବାକୁ ଚାହିଁ ନାହିଁ। ସରକାରୀ ବାବୁଙ୍କ ଉପରେ ଉତ୍ତର ଦାୟିତ୍ୱ ମଧ୍ୟ ରହୁନାହିଁ। ଫଳରେ ଏହିପରି ନିମ୍ନମାନର କାର୍ଯ୍ୟ କରାଯାଉଛି। ଖାଲି ଏହି ସଭାଗୃହ ନୁହେଁ, ଏହିପରି ଶହଶହ ସରକାରୀ କୋଠା ଘରର ଅବସ୍ଥା। ବ୍ୟବହାର ହେବା ପୂର୍ବରୁ କାନ୍ଥ ଫାଟି ଯାଉଛି ତ ଛାତରୁ ପାଣି ଗଳୁଛି। ତିହିଡ଼ି ବ୍ଲକ ପରିସରରେ ନିର୍ମିତ ହୋଇଥିବା ଅଧିକାଂଶ କୋଠାର ଅବସ୍ଥା ଅନୁରୂପ।

# ବାଲେଶ୍ୱର ଜିଲ୍ଲା ବ୍ରାହ୍ମଣ ସମିତିର ୯୨ତମ ଅଧିବେଶନ

ବାଲେଶ୍ୱର,୩/୬(ନି.ପ୍ର): ଜିଲ୍ଲା ବ୍ରାହ୍ମଣ ସମିତିର ୯୨ତମ ଅଧିବେଶନ ଗତ ରବିବାର ଦିନ ନିଳିଆବାଗ ସ୍ଥିତ ସଭାପତିଙ୍କ ବାସଭବନରେ ଡା. ଶ୍ରୀଶ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରାକ୍ତନ ସଭାପତି ପଣ୍ଡିତ ରଘୁନାଥ ଷଡ଼ଙ୍ଗୀ ବେଦ ପାଠ କରିଥିଲେ। ସାଧାରଣ ସଂପାଦକ ଗୌରଚନ୍ଦ୍ର ଦାଶ ଉପସ୍ଥିତମାନଙ୍କୁ ସ୍ୱାଗତ ଜଣାଇ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ ଏବଂ ତାହା ସର୍ବସମ୍ମତିକ୍ରମେ ଦୃଢ଼ୀକରଣ ହୋଇଥିଲା। ସାଧାରଣ ନିର୍ବାଚନ ଜନିତ କାରଣରୁ ଚଳିତବର୍ଷ ବାର୍ଷିକ ଯଜ୍ଞ ଓ ଜିଲ୍ଲାସ୍ତରୀୟ ବ୍ରାହ୍ମଣ ମହାସମାବେଶ ଧାର୍ଯ୍ୟମତେ ହୋଇପାରିନଥିବାରୁ ଆସନ୍ତା ଜୁଲାଇ ମାସ ୧୪ ତାରିଖ ରବିବାର ଯଜ୍ଞ ଓ ୧୫ ତାରିଖ ସୋମବାର ଦିନ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହେବାକୁ ବୈଠକରେ ସିଦ୍ଧାନ୍ତ ଗୃହୀତ ହୋଇଛି। ପୂର୍ବବର୍ଷଭଳି ଚଳିତ ବର୍ଷ ଧାର୍ଯ୍ୟ ଦିବସରେ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଯଜ୍ଞ, ଜିଲ୍ଲାସ୍ତରୀୟ ବ୍ରାହ୍ମଣ ସମ୍ମିଳନୀରେ ରାଜ୍ୟ ସ୍ତରୀୟ ବ୍ରାହ୍ମଣ ମହାସମାବେଶ, ବାର୍ଷିକ ମୁଖପତ୍ର 'ବ୍ରହ୍ମଶକ୍ତି'ର ଉନ୍ମୋଚନ ହେବାକୁ ସ୍ଥିର ହୋଇଛି। ଆମ ଜିଲ୍ଲାରେ ବ୍ରାହ୍ମଣ ସଂଗଠନକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ତୃଣମୂଳ ସ୍ତରରୁ ଅର୍ଥାତ୍ ଜିଲ୍ଲାରେ ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ସାଂଗଠନିକ ସଚେତନତା ସଭା ଓ ଭ୍ରାମ୍ୟମାଣ ଯଜ୍ଞମାନ ଅନୁଷ୍ଠିତ କରିବାପାଇଁ ବୈଠକରେ ନିଷ୍ପତ୍ତି ହୋଇଅଛି। ଆସନ୍ତା ଯଜ୍ଞ ଓ ସମ୍ମିଳନୀରେ ଜିଲ୍ଲା ବ୍ରାହ୍ମଣ ସମିତିର ସମସ୍ତ ଆଜୀବନ ସଭ୍ୟ, ପଞ୍ଚାୟତ ଓ ବ୍ଲକସ୍ତରୀୟ ସଭ୍ୟ ତଥା ଜିଲ୍ଲାର ସମସ୍ତ ବ୍ରାହ୍ମଣମାନେ ବହୁସଂଖ୍ୟାରେ ଯୋଗଦାନ କରି ସମ୍ମିଳନୀ କାର୍ଯ୍ୟ ସଫଳ କରିବାକୁ ସମିତି ପରିଚାଳନା କମିଟି ତରଫରୁ ନିବେଦନ କରାଯାଇଛି। ଯଜ୍ଞ ଓ ସମ୍ମିଳନୀ କାର୍ଯ୍ୟର ସୁପରିଚାଳନା ଓ ଆବଶ୍ୟକ ଅର୍ଥର ବ୍ୟବସ୍ଥା ପାଇଁ ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏ ଦିଗରେ ସମିତିର ସମସ୍ତ ଆଜୀବନ ସଭ୍ୟମାନେ ସକ୍ରିୟ ସହଯୋଗ ଓ ସାହାଯ୍ୟ କରିବାକୁ ବୈଠକରେ ନିବେଦନ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡ. କ୍ଷିତିଶ୍ୱର ଦାଶ, ଶକ୍ତିପଦ ପଣ୍ଡା, କୃଷ୍ଣଚନ୍ଦ୍ର ପତ୍ରୀ, ସର୍ବେଶ୍ୱର ପତି, କ୍ଷିତିଶ ଚନ୍ଦ୍ର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବୈଦ୍ୟନାଥ ଆଚାର୍ଯ୍ୟ, ନିରାକାର ଦାଶ, ଭୃଗୁରାମ କର, ସରୋଜ ନାରାୟଣ ଷଡ଼ଙ୍ଗୀ, ବୁଦ୍ଧିରାମ ପାଣିଗ୍ରାହୀ, ଲିଙ୍ଗରାଜ ଦାଶ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସମୂହ ଶାନ୍ତିପାଠ ପରେ କାର୍ଯ୍ୟକାରୀ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବାପରେ ସଭାପତିଙ୍କ ଦ୍ୱାରା ସଭାକାର୍ଯ୍ୟ ସାଙ୍ଗ ହୋଇଥିଲା।



# ବିଶୁଦ୍ଧ ଥଣ୍ଡାପାଣି କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୩/୬ (ନି.ପ୍ର) : ଭୁବନେଶ୍ୱର ଅଟୋ ମହାସଂଘ ଓ ସତ୍ୟସାଇ ସେବା ସଂଗଠନ ସହଭାଗିତାରେ ଆଜି ବାଣିବିହାର ଛକଠାରେ ବିଶୁଦ୍ଧ ଥଣ୍ଡାପାଣି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ସତ୍ୟସାଇ ସେବା ସଂଗଠନର ରାଜ୍ୟ ସଭାପତି ନାରାୟଣ ପ୍ରସାଦ ସୁର ମିଳିତ ଭାବେ ଉଦ୍‌ଘାଟନ କରିଥିଲେ । ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଭୁବନେଶ୍ୱରର ଆଚାର୍ଯ୍ୟ ବିହାର, ଜୟଦେବ ବିହାର ଭଳି ଜନବହୁଳ ସ୍ଥାନରେ ପୂର୍ବରୁ ଏଭଳି କେନ୍ଦ୍ର ଖୋଲାଯାଇ ଜଳସେବା ଯୋଗାଇ ଦିଆଯାଇଛି । ଏହା ବହୁ ଯାତ୍ରୀଙ୍କ ତୃଷ୍ଣା ମେଣ୍ଟାଇବାରେ ସହାୟକ ହୋଇଛି । ଆଗାମୀ ଦିନରେ ଆହୁରି ଅନେକ ସ୍ଥାନରେ ଏହିଭଳି କେନ୍ଦ୍ର ଖୋଲାଯିବ ବୋଲି ଭୁବନେଶ୍ୱର ଅଟୋ ମହାସଂଘର ସାଧାରଣ ସଂପାଦକ ପଦ୍ମନ କୁମାର ସାମଲ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ରାଉତ, ଭୋଳାନାଥ ମହାରଣା, ଦେବରାଜ ପରିଡା, ବିଜୟ ପଟ୍ଟନାୟକ, କବିନ୍ଦ୍ର ପଶ୍ଚିମ ରାୟ, ରାଜା ନାୟକ, ବିଭୁତି କର ରମେଶ ମହାପାତ୍ର, ରାମଚନ୍ଦ୍ର ରାଉତ, ନାରାୟଣ ସ୍ୱାଇଁ ଓ ସେବାସଂଗଠନର ସି ଜଗଦିଶଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଜଳ ବଣ୍ଟନ କରିଥିଲେ ।



## ବେ-ଆଇନ୍ ପଥର ଖାଦାନରେ
# ପ୍ରଶାସନର ଚଢାଉ

ଢେଙ୍କାନାଳ,୩/୬(ନି.ପ୍ର) : ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ତହସିଲ ଅଂଚଳରେ ବେ-ଆଇନ ଭାବେ ପଥର ଖାଦାନରୁ ଦୈନନ୍ଦିନ ଶହ ଶହ ଟ୍ରକରେ ଜିଲ୍ଲା ଏବଂ ଜିଲ୍ଲା ବାହାରକୁ ଚାଲାଣ ହେଉଥିବା ତଥା ପରିବହନ ନିୟମର ଖୋଲା ଉଲ୍ଲଂଘନ ହେଉଥିବା ଅଭିଯୋଗ କ୍ରମେ ଜିଲ୍ଲା ପ୍ରଶାସନ ଆକ୍ସନ ମୁଡ୍‌ରେ ଚଢାଉ କରିବା ଆରମ୍ଭ କରିଦେଇଛି । ଗଁଦିଆ ତହସିଲ୍ ଅଧିନ ନିହଳପ୍ରସାଦ ଥାନା ଅଂଚଳ ଖଙ୍କିରା ଏବଂ ଢେଙ୍କାନାଳ-ଯାଜପୁର ଜିଲ୍ଲା ସୀମାନ୍ତରୁ ବେ-ଆଇନ ଭାବେ ପଥର ଚାଲାଣ ହେଉଥିବା ଅଭିଯୋଗ ହେବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ରାତ୍ରରେ ଅତର୍କିତ ଭାବେ ଚଢାଉ କରା ଯାଇଥିଲା । ଚଢାଉ ସମୟରେ ବେ-ଆଇନ ପଥର ଖଣିରୁ ପଥର ବୋଝେଇ ୨୦ଟି ହାଇୱା ଟ୍ରକକୁ ଜବତ କରାଯିବା ସହିତ ଗୋଟିଏ ଜେସିବି ମେସିନ୍ ଏବଂ ପଥର ଖୋଳାରେ ବ୍ୟବହୃତ ହେଉଥିବା ମୂଲ୍ୟବାନ ଉପକରଣ ଜବତ କରା ଯାଇଥିଲା। ସେହିଭଳି ସମ୍ପୃକ୍ତ ଅଂଚଳରେ ୧୪୪ ଧାରା ଜାରି କରା ଯାଇଥିବା ଏବଂ ତହସିଲଦାର ଓ ପୋଲିସ୍ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ନିଖିଲ୍ ପଡ୍ୱନ କଲ୍ୟାଣ ସୂଚନା ଦେଇଛନ୍ତି । ସେହିଭଳି ଏହି ଅଂଚଳରୁ ଯାଜପୁରକୁ ଦୈନିକ ଚୋରା ପଥର ଚାଲାଣକୁ ରୋକ୍ ଲଗାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି ଏବଂ ଢେଙ୍କାନାଳ-ଯାଜପୁର ସୀମାନ୍ତରେ ୨୪ ଘଣ୍ଟିଆ ଚେକ୍ ପୋଷ୍ଟ ସ୍ଥାପନ କରାଯାଇ ଆବଶ୍ୟକ ସୁରକ୍ଷା କର୍ମୀ ନିୟୋଜିତ କରାଯିବା ସହିତ ଲଗାତର ଚଢାଉ ଜାରି ରହିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଚଢାଉରେ ଜିଲ୍ଲାପାଳଙ୍କ ସମେତ ଆରକ୍ଷୀ ଅଧିକ୍ଷିକା ଅନୁପମା ଜେମ୍‌ସ, ଅତିରିକ୍ତ ଜିଲ୍ଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଢେଙ୍କାନାଳ ଉପ-ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଢେଙ୍କାନାଳ ତହସିଲଦାର ଉଦୟନାଥ ମହାପାତ୍ର, ଢେଙ୍କାନାଳ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀହର୍ଷ ମିଶ୍ର, ଆଂଚଳିକ ପରିବହନ ଅଧିକାରୀ ଦିବାକର ସିଂ, ଷଡଙ୍ଗୀ ରେଞ୍ଜର ଅଶୋକ କୁମାର ଭଞ୍ଜଙ୍କ ସମେତ ବିଭାଗୀୟ ଅଧିକାରୀ ସାମିଲ୍ ହୋଇଥିଲେ ।

# କୁମ୍ଭୀର ଆକ୍ରମଣରେ ମୃତ ଯୁବକର ଶବ ଉଦ୍ଧାର



ପଟ୍ଟାମୁଣ୍ଡାଇ,୩/୬ (ନି.ପ୍ର) : ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଛରା ପଞ୍ଚାୟତ ମଣ୍ଡପଡା ଗ୍ରାମର ସଞ୍ଜୟ କୁମାର ପ୍ରଧାନ (୩୦) ଗତକାଲି ଦିନ ୧୧ଟା ବେଳେ ନିକଟସ୍ଥ ବ୍ରାହ୍ମଣୀ ନଦୀରେ ଗାଧୋଉଥିବାବେଳେ ହଠାତ ଏକ କୁମ୍ଭୀର ତାଙ୍କୁ ଝାମ୍ପି ନେଇ ନଦୀର ଗଭୀର ଜଳରାଶି ମଧ୍ୟରେ ଉଭାନ ହୋଇଯାଇଥିଲା । ନଦୀରେ ଗାଧୋଉଥିବା ଅନ୍ୟାନ୍ୟ ଲୋକମାନେ ଏଭଳି ଲୋମହର୍ଷଣକାରୀ ଦୃଶ୍ୟ ଦେଖି ସ୍ତବ୍ଧ ହୋଇଯାଇଥିଲେ । ଏହାପରେ ନଦୀରେ ଗାଧୋଉଥିବା ଲୋକମାନଙ୍କ ହୋହାଲ୍ଲା ଶୁଣି ନଦୀକୂଳକୁ ଲୋକମାନଙ୍କ ସୁଅ ଛୁଟିଥିଲା । ବହୁ ଚେଷ୍ଟା କରାଯାଇଥିଲେ ମଧ କୁମ୍ଭୀର କବଳରୁ ସଞ୍ଜୟଙ୍କୁ ଉଦ୍ଧାର କରାଯାଇ ପାରିନଥିଲା । ଖବରପାଇ ରାଜନଗରରେ ଏକ ଆଧାତ୍ମିକ ସମାରୋହରେ ସାମିଲ ହୋଇଥିବା ନବନିର୍ବାଚିତ ଯୁବ ବିଧାୟକ ଧ୍ରୁବ ସାହୁ ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରି ତତକ୍ଷଣାତ ଘଟଣାସ୍ଥଳରେ ପହଞ୍ଚିଥିଲେ । ନଦୀକୂଳରେ ଉପସ୍ଥିତ ବାଛରା ସରପଞ୍ଚ ସମୀର ପ୍ରଧାନ, ପୂର୍ବତନ ସମିତିସଭ୍ୟ ଅଜୟ ସାହୁଙ୍କ ସମେତ ସ୍ଥାନୀୟ ଲୋକମାନଙ୍କ ସହିତ ଘଟଣା ସଂପର୍କରେ ଆଲୋଚନା କରିଥିଲେ । ରାଜନଗର ବିଧାୟକ ଶ୍ରୀସାହୁ କୁମ୍ଭୀର ଉପଦ୍ରବ ଓ ନିଖୋଜ ହୋଇଯାଇଥିବା ସଂପୃକ୍ତ ଯୁବକଙ୍କୁ ଠାବ କରିବାକୁ ରାଜନଗର ଡିଏଫଓ, ପଟ୍ଟାମୁଣ୍ଡାଇ ଅଗ୍ନିଶମ ସେବା ଅଫିସରକୁ ଟେଲିଫୋନ ଯୋଗେ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ସଞ୍ଜୟଙ୍କ ଶୋକସନ୍ତପ୍ତ ପରିବାରକୁ ଭେଟି ବିଧାୟକ ସମବେଦନା ଜ୍ଞାପନ କରିବା ସହିତ ସରକାରୀସ୍ତରରେ ସମସ୍ତ ପଦକ୍ଷେପ ନେବାକୁ ପ୍ରତିଶୃତି ଦେଇଥିଲେ । ଆଜି ସକାଳେ ମୃତ ସଞ୍ଜୟଙ୍କ ଶବ ନଦୀରେ ଭାସୁଥିବା ଗାଁ ଲୋକମାନେ ଦେଖିବା ପରେ ଘଟଣାସ୍ଥଳକୁ ଲୋକମାନଙ୍କ ସୁଅ ଛୁଟିଥିଲା । ଖବରପାଇ ରାଜନଗର ବିଧାୟକ ଧ୍ରୁବ ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତ ସଞ୍ଜୟଙ୍କ ଶବ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ପାଇଁ ଆଳି ପଠାଇବାର ବ୍ୟବସ୍ଥା କରିଥିଲେ । ବିଧାୟକଙ୍କ ସହିତ ବିଜେଡି ସଭାପତି କିଶୋର ସାହୁ, ବାଛରା ସରପଞ୍ଚ ସମୀର ପ୍ରଧାନ, ପୂର୍ବତନ ସମିତିସଭ୍ୟ ଅଜୟ ସାହୁ, ପଟ୍ଟାମୁଣ୍ଡାଇ ଥାନା ଏଏସଆଇ ବିଜୟ କୁମାର ଦାସ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଶୋକସନ୍ତପ୍ତ ପରିବାରକୁ ଭେଟି ବିଧାୟକ ସମବେଦନା ଜ୍ଞାପନ କରିଥିଲେ । ମୃତ ଯୁବକର ଶବ ଉଦ୍ଧାର କରାଯିବା ପରେ ନଦୀକୂଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ସଂପୃକ୍ତ ଯୁବକ ଦିଲ୍ଲୀରେ ପାଣି ପାଇପ ଠିକାଦାରୀ କରୁଥିଲେ । ଖରାଛୁଟିରେ ଗାଁ କୁ ଆସି ପିଲାମାନଙ୍କ ସହିତ ବ୍ରାହ୍ମଣୀ ନଦୀରେ ଗାଧୋଉଥିବାବେଳେ କୁମ୍ଭୀର ଆକ୍ରମଣର ଶିକାର ହୋଇଥିଲେ ।

## ବୀମା କରାଇଦେବାକୁ କହି ଠକିନେଲା ସବଳ ଭାରତ
# ଠକସଂସ୍ଥା: ଟଙ୍କା ମାଗିଲେ ମିଳୁଛି ହତ୍ୟା ଧମକ

ଭଦ୍ରକ,୩/୬ (ନି.ପ୍ର): ଭଦ୍ରକ ସହରରେ ଦିନକୁ ଦିନ ନକଲି ଠକ ସଂସ୍ଥା ଖୋଲିବାରେ ଲାଗିଛି। ସାଧାରଣ ଲୋକମାନଙ୍କୁ ବିଭିନ୍ନ ଋଣ କରାଇଦେବା ବାବଦରେ ବିଭିନ୍ନ ପ୍ରଲୋଭନ ଦେଖାଇ ସେମାନଙ୍କ ଠାରୁ ଠକିନେଉଛନ୍ତି ଲକ୍ଷାଧିକ ଟଙ୍କା। ଋଣ ଟଙ୍କା ମାଗିଲେ ସେମାନଙ୍କୁ ହତ୍ୟା ଧମକ ମିଳୁଛି। ଏହିଭଳି ଏକ ଅଭିଯୋଗ ଆଣିଛନ୍ତି ଭଦ୍ରକ ଗ୍ରାମାଂଚଳ ଥାନା ଅନ୍ତର୍ଗତ ଗୋରାମାଟି ଗ୍ରାମର ଚୈତନ୍ୟ ଜେନାଙ୍କ ସ୍ତ୍ରୀ ସୁଶିଳା ଜେନା। ସୁଶିଳା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଧୂଷୁରି ଥାନା ଅନ୍ତର୍ଗତ କଟସାହି ଗ୍ରାମର ଚନ୍ଦ୍ରକାନ୍ତ ପତି ନାମକ ଜୈନିକ ବ୍ୟକ୍ତି ଭଦ୍ରକ ସହର ବଙ୍କସାହିରେ ଏକ ଭଡା ଘରେ ସବଳ ଭାରତ ନାମରେ ଏକ ଅଫିସ ଖୋଲିଛନ୍ତି। ଏହି ଅଫିସ ଜରିଆରେ ସେ ଲୋକମାନଙ୍କୁ ଋଣ ଦେଉଥିବାର ଖବର ପାଇ ଗୋରାମାଟିର ଗ୍ରାମର ସୁଶିଳା ଜେନା ଉକ୍ତ ସଂସ୍ଥାର ମାଲିକଙ୍କୁ ସାକ୍ଷତ କରି ଋଣ ନେବା ପାଇଁ ସମସ୍ତ କାଗଜପତ୍ର ଦାଖଲ କରିଥିଲେ। ଅଗ୍ରୀମ ପଂଚାଶ ହଜାର ଟଙ୍କା ଦେଲେ ତୁମକୁ ତୁରନ୍ତ ଦୁଇଗଣ ଋଣ ଦିଆଯିବ ବୋଲି ସଂସ୍ଥାର ମାଲିକ କହିଥିଲେ। ଋଣ ଗ୍ରାହିତା ଶ୍ରୀମତୀ ଜେନା ବିଭିନ୍ନ ଆଡୁ ଧାର କରଜ କରି ଟଙ୍କା ଜୋଗାଡ କରିବାସହ ବାସୁଆପଦା ଗ୍ରାମର ଦାମୋଦର ଜେନା ଓ ଅଞ୍ଜନା ନାୟକଙ୍କ ଉପସ୍ଥିତିରେ ସଂସ୍ଥାର ମାଲିକ ଶ୍ରୀ ପତିଙ୍କୁ ଟଙ୍କା ପ୍ରଦାନ କରିଥିଲେ। ଟଙ୍କା ଦେବାର ଏକବର୍ଷ ବିତି ଯାଇଥିଲେ ସୁଦ୍ଧା ସଂସ୍ଥା ପକ୍ଷରୁ ତାଙ୍କୁ ଋଣ ବାବଦରେ ଦୁଇଗୁଣ ଟଙ୍କା ମିଳିନାହିଁ କି ଦେଇଥିବା ଅଗ୍ରୀମ ପଂଚାଶ ହଜାର ଟଙ୍କା ଫେରାଇ ଦେବାକୁ କହିବାରୁ ସଂସ୍ଥା ପକ୍ଷରୁ ତାଙ୍କ ଅସଭ୍ୟ ଭାଷାରେ ଗାଳି ଗୁଲଜ ସହ ଧମକ ଚମକ ଦିଆଯାଇଥିବାର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଏତଲା ଦେଇଥିଲେ ସୁଦ୍ଧା ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ନାହିଁ। ଶେଷରେ ମହିଳା ଜଣଙ୍କ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ନିଜର ଅଭିଯୋଗ ଜଣାଇବା ସହ ଅଗ୍ରୀମ ଟଙ୍କା ଫେରି ପାଇବା ପାଇଁ ନିବେଦନ କରିଛନ୍ତି।

## ମହାକାଳପଡ଼ା ଅଗ୍ନିବିପନ୍ନଙ୍କୁ ତିହିଡ଼ି ଗୋପବନ୍ଧୁ ସେବା ସଂଘର ସହାୟତା

ତିହିଡି ୩/୬ (ନି.ପ୍ର.) କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜାଲକଣା ଗ୍ରାମରେ ଗତ ଗୁରୁବାର ଘଟିଥିବା ଅଗ୍ନିକାଣ୍ଡରେ ୩୪ ପରିବାରର ୬୪ ବଖରା ଘର ପୋଡ଼ିଯାଇଥିଲା। ତିହିଡ଼ି ଗୋପବନ୍ଧୁ ସେବା ସଂଘ ପକ୍ଷରୁ ଆଜି ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି। ସଂଘର ପକ୍ଷରୁ ସଭାପତି ରାଜୀବ କୁମାର ନାୟକ, ସମ୍ପାଦକ ଖଗେଶ୍ୱର ତ୍ରିପାଠୀ, ବିସ୍ମୟ ସାହୁ, ରଶ୍ମିତା ତ୍ରିପାଠୀ, ଚଢ଼େଇ ମଳିକ, ସୟଦ ରବୁ, ବସନ୍ତ ବେହେରା, ସ୍ନେହାଶୀଷ ପଣ୍ଡା, ମାନସ ମହାନ୍ତି, ସୁରେଶ ପଣ୍ଡା, ରବୀନ୍ଦ୍ର ନାୟକ, ଧର୍ମାନନ୍ଦ ବାରିକ, ସେକ ଲିଆକତ ପ୍ରମୁଖ ରବିବାର ଦିନ ଅଗ୍ନିବିପନ୍ନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସମବେଦନା ଜଣାଇବା ସହ ୫ ଦିନ ପାଇଁ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟର ବ୍ୟବସ୍ଥା କରିଛନ୍ତି। ସେହିପରି ସେମାନଙ୍କୁ ବସ୍ତ୍ର ମଧ୍ୟ ପ୍ରଦାନ କରାଯାଇଛି।



# ଭୁବନେଶ୍ୱରରେ 'ଲାଇଫ୍‌ଷ୍ଟାଇଲ୍ ରଜ ଷ୍ଟାଇଲ୍ ଫେଷ୍ଟ୍'

ଭୁବନେଶ୍ୱର, ୩।୬ (ନି.ପ୍ର) : ସଦ୍ୟତମ ଟ୍ରେଣ୍ଡ ପାଇଁ ଭାରତର ଅଗ୍ରଣୀ ଫେସନ୍ ସ୍ଥାନ ଲାଇଫ୍‌ଷ୍ଟାଇଲ୍ ପକ୍ଷରୁ ଭୁବନେଶ୍ୱରର ଶ୍ରେଷ୍ଠ ଫେସନ୍‌କୁ ସାମ୍ନାକୁ ଆଣିବା ସହିତ ସହରର ଫେସନ୍ ପସନ୍ଦ କରୁଥିବା ପିଢ଼ିଙ୍କ ଆବେଗ ଓ ଷ୍ଟାଇଲ୍ ସମ୍ବେଦନଶୀଳତାକୁ ପ୍ରଦର୍ଶନ କରିବା ପାଇଁ ସହରର ସର୍ବବୃହତ ଫେସନ ସୋ' "ଲାଇଫ୍‌ଷ୍ଟାଇଲ୍ ରଜ ଷ୍ଟାଇଲ୍ ଫେଷ୍ଟ୍" ଆୟୋଜନ କରାଯାଇଛି। "ଲାଇଫ୍‌ଷ୍ଟାଇଲ୍ ରଜ ଷ୍ଟାଇଲ ଫେଷ୍ଟ୍"କୁ ଲୋକପ୍ରିୟ ଓଲିଉଡ୍ ଅଭିନେତ୍ରୀ ଏଲିନା ସାମନ୍ତରାୟ ଶୁଭାରମ୍ଭ କରିଛନ୍ତି ଏବଂ ସେ ଆକର୍ଷଣୀୟ ମୁକୁଟକୁ ମଧ୍ୟ ଉନ୍ମୋଚନ କରିଛନ୍ତି ଯାହାକୁ ଏହି ଷ୍ଟାଇଲ ଫେଷ୍ଟର ବିଜେତା "ମିସ ରଜ ୨୦୧୯" ପରିଧାନ କରିବେ।

ଭୁବନେଶ୍ୱରର ଫେସନ ଭାବନାକୁ ପରବର୍ତ୍ତି ସ୍ତରକୁ ନେବା ସହ "ଲାଇଫ୍‌ଷ୍ଟାଇଲ୍ ରଜ ଷ୍ଟାଇଲ ଫେଷ୍ଟ" ସହରର ସମସ୍ତ ଫେସନପ୍ରେମୀଙ୍କ ଠାରୁ ଅଂଶଗ୍ରହଣ ଆମନ୍ତ୍ରଣ କରୁଛି। ଭୁବନେଶ୍ୱର ସବୁଠୁ ଫେସନେବଲ୍ ସ୍ଥାନରେ ଶେଷ ହେବାକୁ ଥିବା ଗ୍ରାଣ୍ଡ୍ ଫିନାଲେରେ ଆୟୋଜିତ ହେବାକୁ ଥିବା ର‌୍ୟାମ୍ପ୍ ୱାକ୍‌ରେ ଲାଇଫ୍‌ଷ୍ଟାଇଲର ନୂଆ ସମ୍ଭାର ଓ ଏହି ଋତୁର ସମସ୍ତ ସଦ୍ୟତମ ଟ୍ରେଣ୍ଡ୍‌କୁ ପ୍ରଦର୍ଶିତ କରାଯିବ। ଏହା ବ୍ୟତୀତ, "ଲାଇଫଷ୍ଟାଇଲ ରଜ ଷ୍ଟାଇଲ ଫେଷ୍ଟ୍" ସହରର ସବୁଠୁ ଫେସନେବଲ୍ ଦମ୍ପତିଙ୍କୁ ମଧ୍ୟ ସ୍ୱୀକୃତି ପ୍ରଦାନ କରିବ।



ଏହି କାର୍ଯ୍ୟକ୍ରମ ଉନ୍ମୋଚନ ଅବସରରେ ଶ୍ରୀଯୁକ୍ତ ଶ୍ରୀନିବାସ ରାଓ, ବରିଷ୍ଠ ଉପସଭାପତି, ମାର୍କେଟିଂ, ଲାଇଫ୍‌ଷ୍ଟାଇଲ୍ କହିଛନ୍ତି ଯେ, "ଭୁବନେଶ୍ୱରରେ "ଲାଇଫଷ୍ଟାଇଲ ରଜ ଷ୍ଟାଇଲ୍ ଫେଷ୍ଟ୍"ର ଶୁଭାରମ୍ଭ କରୁଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଭୁବନେଶ୍ୱର କସ୍‌ମୋପଲିଟାନ ଜୀବନଶୈଳୀ ଏବଂ ଭିନ୍ନ ଧରଣର ଗ୍ରାହକଙ୍କ ପ୍ରତିନିଧିତ୍ୱ କରୁଛି ଏବଂ ଲାଇଫ୍‌ଷ୍ଟାଇଲ୍ ଏକ ଅଗ୍ରଣୀ ଫେସନ ସ୍ଥଳ ଭାବେ ଏହା ନିଶ୍ଚିତ କରୁଛି ଯେ ଆମେ ସେମାନଙ୍କୁ ଉନ୍ନତ ଅନୁଭୂତି ପ୍ରଦାନ କରିବୁ। "ଲାଇଫଷ୍ଟାଇଲ୍ ରଜ ଷ୍ଟାଇଲ ଫେଷ୍ଟ୍" ସହିତ ଆମେ ସହରର ଯୁବବର୍ଗଙ୍କ ପାଖରେ ପହଂଚିବୁ ଏବଂ ସମ୍ପର୍କ ରଖିବୁ ଏବଂ ପ୍ରତିଭା ପ୍ରଦର୍ଶନ ପାଇଁ ସେମାନଙ୍କୁ ମଂଚ ପ୍ରଦାନ କରିବୁ।''

ଏହି ଅବସରରେ ଏଲିନା ସାମନ୍ତରାୟ କହିଛନ୍ତି ଯେ,"ମୋର ହୃଦୟର ନିକଟତର ଥିବା ସହରରେ "ଲାଇଫଷ୍ଟାଇଲ ରଜ ଷ୍ଟାଇଲ ଫେଷ୍ଟ"କୁ ଉନ୍ମୋଚନ କରିବା ପାଇଁ ଏଠାରେ ଉପସ୍ଥିତ ଥିବାରୁ ମୁଁ ବହୁତ ଖୁସି। ଲାଇଫ୍‌ଷ୍ଟାଇଲ୍ ବିଭିନ୍ନ ଲୋକପ୍ରିୟ ଫେସନ ବ୍ରାଣ୍ଡ୍ ଓ ସମସ୍ତ ପ୍ରକାରର ସଦ୍ୟତମ ଟ୍ରେଣ୍ଡ୍ ସହ ସ୍ୱତନ୍ତ୍ର ସପିଙ୍ଗ ଅନୁଭୂତି ପ୍ରଦାନ କରୁଛି; ଏହା ବାସ୍ତବରେ ସହରର ଏବଂ ମୋର ଲୋକପ୍ରିୟ ସପିଙ୍ଗ ସ୍ଥଳ। ଉଦୀୟମାନ ଫେସନପ୍ରେମୀଙ୍କ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ଶ୍ରେଷ୍ଠ ପ୍ଲାଟଫର୍ମ ହୋଇଥିବା ବେଳେ ମୁଁ ନିଶ୍ଚିତ ଯେ, "ଲାଇଫଷ୍ଟାଇଲ ରଜ ଷ୍ଟାଇଲ୍ ଫେଷ୍ଟ୍' ବଡ଼ ଧରଣର ସଫଳ ହେବ।''

# ଆଦାନୀ ପୋର୍ଟ ଏପିଏସ୍‌ଇଜେଡ଼ରେ ୨୦୮ ଏମଏମଟି କାର୍ଗୋ କାରବାର

ଭୁବନେଶ୍ୱର,୩।୬ (ନି.ପ୍ର) : ଆଦାନୀ ଗ୍ରୁପର ଅଂଶବିଶେଷ ତଥା ଭାରତର ସର୍ବବୃହତ ବନ୍ଦର ବିକାଶକାରୀ କମ୍ପାନୀ ଆଦାନୀ ପୋର୍ଟସ ଏବଂ ସ୍ପେଶାଲ ଇକୋନୋମିକ ଜୋନ ଲିମିଟେଡ୍ (ଏପିଏସ୍‌ଇଜେଡ୍)ପକ୍ଷରୁ ଏହାର ବାର୍ଷିକ ତଥା ୨୦୧୯ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଶେଷ ହୋଇଥିବା ଚଳିତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସର ଆର୍ଥିକ ଫଳାଫଳ ପ୍ରକାଶ କରାଯାଇଛି। କମ୍ପାନୀର କାର୍ଯ୍ୟକାରୀ ଆୟରେ ବାର୍ଷିକ ଏବଂ ଚତୁର୍ଥ ତ୍ରୟମାସରେ ଯଥାକ୍ରମେ ୨୦% ଅଭିବୃଦ୍ଧି ଘଟିଛି। ଏହାର ବାର୍ଷିକ ପରିମାଣ ଚଳିତ ବର୍ଷ ୮୮୯୭କୋଟି ଥିବାବେଳେ ପୂର୍ବ ବର୍ଷ ଏହି ସମୟରେ ୭୩୯୩ କୋଟି ଟଙ୍କା ଥିଲା। ସଂଗଠିତ ଏବିଟଡ଼ା ଚଳିତ ବର୍ଷ ୯୦୯କୋଟି ଟଙ୍କା ଥିବାବେଳେ ପୂର୍ବବର୍ଷ ଏହି ସମୟରେ ୬୦୫୩ କୋଟି ଟଙ୍କା ଥିଲା। ଏବିଟଡ଼ା ମାରଜିନ ବୃଦ୍ଧି ପାଇ ୬୫% ହୋଇଛି। ସେହିପରି ଟିକସ ପରବର୍ତ୍ତୀ ଲାଭ ୯% ବୃଦ୍ଧି ପାଇ ୪୦୦୬ କୋଟି ଟଙ୍କା ହୋଇଛି। ପୂର୍ବ ବର୍ଷ ଏହା ୩୨୩ କୋଟି ଟଙ୍କା ଥିଲା। ଚତୁର୍ଥ ତ୍ରୟମାସରେ କାର୍ଗୋ ରାଜସ୍ୱ ପରିମାଣରେ ୨୨% ବୃଦ୍ଧି ହୋଇଛି। ରାଜସ୍ୱ ଚତୁର୍ଥ ତ୍ରୟମାସରେ ୨୩୮୩ କୋଟି ଟଙ୍କା ଥିବାବେଳେ ଗତ ବର୍ଷ ଏହା ୧୯୪୭ କୋଟି ଟଙ୍କା ଥିଲା । ଟିକସ ବାଦଦେଇ ରାଜସ୍ୱ ପରିମାଣ ୧,୨୯୬ କୋଟି ଟଙ୍କା ହୋଇଛି। ଯାହା ପୂର୍ବବର୍ଷ ଏହି ସମୟରେ ୧,୭୫୧ କୋଟି ଟଙ୍କା ଥିଲା। ସଂଗଠିତ ଏବିଟଡ଼ା ଚତୁର୍ଥ ତ୍ରୟମାସରେ ୧୨୧କୋଟି ଟଙ୍କା ବୃଦ୍ଧି ଘଟି ଏହା୧୪୯୨ କୋଟି ଟଙ୍କା ହୋଇଛି। ଏବିଟଡ଼ା ମାରଜିନ ବୃଦ୍ଧି ପାଇ ୬୩% ହୋଇଛି। ସେହିପରି ଟିକସ ପରବର୍ତ୍ତୀ ଲାଭ ୩୯% ବୃଦ୍ଧି ପାଇ ୧୩୦୦ କୋଟି ଟଙ୍କା ହୋଇଛି। ଟିକସ ପୂର୍ବବର୍ତ୍ତୀ ଲାଭ ୧୯% ବୃଦ୍ଧି ପାଇ ୧୫୮୩ କୋଟି ଟଙ୍କା ହୋଇଛି।

# ପିଜିଆଇ ପକ୍ଷରୁ ପ୍ଲାଟିନମ୍ ଜ୍ୱେଲେରୀ ବିଜନେସ୍ ରିଭ୍ୟୁ

ଭୁବନେଶ୍ୱର,୩।୬ (ନି.ପ୍ର) : ପ୍ଲାଟିନମ୍ ଗିଲ୍ଡ ଇଣ୍ଟରନ୍ୟାଶନାଲ (ପିଜିଆଇ) ପକ୍ଷରୁ ୨୦୧୯ ପ୍ଲାଟିନମ୍ ଜ୍ୱେଲେରୀ ବିଜନେସ୍ ରିଭିୟୁ (ପିଜେବିଆର)ର ଉନ୍ମୋଚନ କରିଛି । ଯାହାକି ଆଜିର ଗ୍ରାହକ ମାନଙ୍କ ମଧ୍ୟରେ ପ୍ଲାଟିନମ୍ ପାଇଁ ଥିବା ଅହେତୁକ ଆଶା ଏବଂ ଅଳଙ୍କାର ଉଦ୍ୟୋଗର ପ୍ରଚେଷ୍ଟା ଗ୍ରାହକ ମାନଙ୍କର ସମୟାନୁଯାୟି ଅଳଙ୍କାର ଆଶାକୁ ପୂରଣ କରିବା ଉପରେ ପର୍ଯ୍ୟବେସିତ । ଯାହାକି ନିର୍ଦ୍ଧିଷ୍ଟରୂପେ ପୁରୁଷ ମାନଙ୍କର ଅଳଙ୍କାର, ଯୁବ ଗ୍ରାହକ ଏବଂ ନିଜକୁ ନିଜେ କିଣିବା ଉପରେ ଦୃଷ୍ଟି କେନ୍ଦ୍ରିତ କରିଛି । ପ୍ଲାଟିନମର ପ୍ରାକୃତିକ ଧଳା ଜ୍ୟୋତି ଏବଂ ଦୁନିଆର ସବୁଠାରୁ ଦୁର୍ମୂଲ୍ୟ ଧାତୁ ଉପରେ ପୌରାଣିକ ଛାପ ପାଇଁ ନିଜର ସ୍ଥିତିକୁ ସୁନିଶ୍ଚିତ କରିପାରିଛି । କାରଣ ଫ୍ରାନ୍ସର ରାଜା, ଲୁୟିସ ୧୬ ସଠିକ ଅଳଙ୍କାର ପସନ୍ଦ ଦୁର୍ଲଭ ଧାତୁକୁ 'କେବଳ ରାଜା ମାନଙ୍କୁ ଏକମାତ୍ର ଧାତୁ ସୁହାଇବ' ବୋଲି ଘୋଷଣା କରିଯାଇଛନ୍ତି ।

ସମୟାନୁଯାୟି ଏହାର ଗୁଣବତ୍ତା ଏକ ଧାତୁକୁ ଲୋଭାନ୍ୱିତ କରିବା ସହିତ ଯାହା ସୁନା ତୁଳନାରେ ତିରିଶ ଗୁଣ ଦୁର୍ଲଭ ଅଟେ । ବାର୍ଷିକ ପ୍ଲାଟିନମ୍ ଅଳଙ୍କାର ବ୍ୟବସାୟ ରିଭିୟୁ ୧୦୦୦ରୁ ଅଧିକ ଉତ୍ପାଦନକାରୀ ଏବଂ ରିଟେଲର ମାନଙ୍କୁ ନେଇ ଏକ ସର୍ବେକ୍ଷଣ କରିଥିଲା । ଏଥି ସହିତ ୧,୦୦୦ଜଣ ଗ୍ରାହକ ୨୦୧୮ରେ ପ୍ଲାଟିନମ୍ ଅଳଙ୍କାରର ବିଶ୍ୱର ସବୁଠାରୁ



ଅବବୋଧ୍ୟ ଏବଂ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ପ୍ରଦାନ କରିବାକୁ ଯାଉଛନ୍ତି । ଏଥି ସହିତ ୨୦୧୯ ପାଇଁ ପୂର୍ବାନୁମାନରେ ପ୍ରମୂଖ ଚାରୋଟି ବଜାର ଯେପରିକି: ଜାପାନ୍, ଚାଇନା, ୟୁଏସଏ ଏବଂ ଭାରତରେ ପ୍ରଚଳିତ ପ୍ରଥା ଯାହାକି ଉକ୍ତ ଉଦ୍ୟୋଗରେ ଏକ ନୂତନ ଧାରା ଶୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଛି ।

ଏହି ଅବସରରେ ପ୍ଲାଟିନମ୍ ଗିଲ୍ଡ ଇଣ୍ଟରନ୍ୟାସନାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ହ୍ୟୁଓ୍ୱ ଡ଼ାନିଏଲ କହିଛନ୍ତିଯେ, "ଉକ୍ତ ସର୍ବେକ୍ଷଣରେ କିପରି ପ୍ଲାଟିନମ୍ ବିଶ୍ୱସ୍ତରୀୟ ଗ୍ରାହକ ମାନଙ୍କ ପାଇଁ ସର୍ବାଗ୍ରେ ରହିଛି ଏବଂ ଧାତୁର ପଦାନୁକ୍ରମେ ଏହା କିପରି ଦୁର୍ମୂଲ୍ୟ ରହିଛି, ଏଥି ସମ୍ପର୍କରେ ଦର୍ଶାଇଛି । ପ୍ଲାଟିନମ୍ ଅଳଙ୍କାର ପାଇଁ ତିନୋଟି ପ୍ରମୂଖ ବଜାରରେ ଅଭିବୃଦ୍ଧିର ଅନୁଭୂତି ରହିଥିବାବେଳେ ସମସ୍ତ ଚାରୋଟି ବଜାର ଏକ ବିସ୍ତୃତ ପ୍ଲାଟିନମ୍ ଅଳଙ୍କାରର ସାକ୍ଷୀରୂପେ ଦଣ୍ଡାୟମାନ ହୋଇଛି ।"

ଏହି ପରିପ୍ରେକ୍ଷୀରେ ପିଜିଆଇ ପକ୍ଷରୁ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ, ବୈଶାଳୀ ବାନାର୍ଜି କହିଛନ୍ତିଯେ, "ଆମର ସୁଦୃଢ ବ୍ୟବସାୟ ଏବଂ ମାର୍କେଟିଂ ପଦକ୍ଷେପ ସହିତ ଭାରତରେ ପ୍ଲାଟିନମ୍ ବଜାର ଅବିରତଭାବେ ଉନ୍ନତି କରିଚାଲିଛି । ଆମର ରଣକୌଶଳ ସହଯୋଗୀଙ୍କ ସୂଚନା ଅନୁଯାୟୀ ୨୦୧୮ରେ ଆମର ପ୍ଲାଟିନମ୍ ବିକ୍ରୟ ୨୬% ବୃଦ୍ଧି ହୋଇଛି । ଚଳିତ ବର୍ଷ ପିଜିଆଇ ଇଣ୍ଡିଆ ରଣକୌଶଳ ସହଯୋଗୀଙ୍କ ସହିତ ଟାୟାର ୨ ସହର ମାନଙ୍କରେ ବ୍ୟବସାୟକୁ ସମ୍ପ୍ରସାରଣ କରିବା ପାଇଁ ଏବଂ ଏହିସବୁ ବଜାରରେ ପ୍ଲାଟିନମ୍ ଅଳଙ୍କାରାର ଉପସ୍ଥିତିକୁ ସୁଦୃଢ କରିବା ପାଇଁ କାମ କରିବା ବଜାୟ ରଖିବ । ୨୦୧୯ର ଲକ୍ଷ୍ୟ ସୁଦୃଢ ରହିଥିବାବେଳେ ଆମ୍ଭେମାନେ ୧୫-୨୦% ଅଭିବୃଦ୍ଧି ଆଶା ରଖିଛୁ ।"

# ଗାଲାକ୍ସି ଏମ୍ ସ୍ମାର୍ଟଫୋନ୍ ସାମ୍‌ସଙ୍ଗଙ୍କୁ ୨୦୧୯ ରେ ଏହାର ମାର୍କେଟ୍ ସେୟାରକୁ ଡବଲ କରିବାରେ ସହାୟତା କରିଛି

**ନୂଆଦିଲ୍ଲୀ,୩।୬:**ସାମ୍‌ସଙ୍ଗର ଗାଲାକ୍ସି ଏମ୍ ସ୍ମାର୍ଟଫୋନ୍ ଭାରତରେ ଅଭୂତପୂର୍ବ ସଫଳତା ହାସଲ କରିଛି। କମ୍ପାନୀ ଖୁବ୍ କମ୍ ସମୟ ମଧ୍ୟରେ ଗାଲାକ୍ସି ଏମ୍୧୦, ଏମ୍୨୦ ଓ ଏମ୍୩୦ ର ୨ ନିୟୁତ ୟୁନିଟ୍ ବିକ୍ରି କରିବାରେ ସଫଳ ହୋଇପାରିଛି। ଯୁବ ପୀଢ଼ି ଓ ଜେନ୍ ଜେଡ୍ ଗ୍ରାହକଙ୍କ ମାନଙ୍କ ପାଇଁ ଡିଜାଇନ୍ ହୋଇଥିବା ଗାଲାକ୍ସି ଏମ୍ କୁ ଭାରତରେ ଆରମ୍ଭ କରାଯାଇଥିଲା ଓ ଏହା ଆମାଜନ ଇନ୍ ଓ ସାମ୍‌ସଙ୍ଗ ଡଟ୍ କମ୍ ରେ ଚଳିତ ବର୍ଷ ଫେବୃୟାରୀରେ ଉପଲବ୍ଧ ହୋଇଥିଲା।

ଗାଲାକ୍ସି ଏମ୍ ର ସଫଳତା ହେତୁ ସାମ୍‌ସଙ୍ଗର କେବଳ ଅନ୍‌ଲାଇନ୍ ଏକ୍ସକ୍ଲୁସିଭ୍ ରେର ସ୍ମାର୍ଟଫୋନ୍ ଦ୍ୱାରା ଏହା ଚଳିତ ବର୍ଷ ଏହାର ମାର୍କେଟ୍ ସେୟାରକୁ ଡବଲ୍ କରିପାରିଛି ବୋଲି କହିଛନ୍ତି, ଅସିମ୍ ୱାର୍ସି, ସିନିୟର ଭାଇସ୍ ପ୍ରେସିଡେଂଟ, ମୋବାଇଲ୍ ବିଜ୍‌ନେସ୍, ସାମସଙ୍ଗ ଇଣ୍ଡିଆ।

ଗାଲାକ୍ସି ଏମ୍ ସିରିଜ୍ ସହିତ ଗାଲାକ୍ସି ଏ ଓ ଗାଲାକ୍ସି ଏସ୍ ସିରିଜ୍ ହେତୁ ସାମ୍‌ସଙ୍ଗ ଇଣ୍ଡିଆର ଅନ୍‌ଲାଇନ୍ ବିକ୍ରିରେ ବୃଦ୍ଧି ହୋଇଛି ଯାହାକି ଅନ୍‌ଲାଇନ୍ ଚାନେଲ୍‌ରେ ଉପଲବ୍ଧ ରହିଛି। ଆମର ଲକ୍ଷ୍ୟ ରହିଛି ଅନ୍‌ଲାଇନ୍ ସ୍ପେସ୍‌ରେ ୨୫% ମାର୍କେଟ୍ ସ୍ପେସ୍ ଗ୍ରହଣ କରିବା, ବୋଲି ସେ କହିଛନ୍ତି।

ସାମ୍‌ସଙ୍ଗ ବର୍ତମାନ ଏହାର ଚତୁର୍ଥ ଗାଲାକ୍ସି ଏମ୍ ସ୍ମାର୍ଟଫୋନ୍ - ଗାଲାକ୍ସି ଏମ୍୪୦ କୁ ପ୍ରସ୍ତୁତ କରୁଛି ଯାହାକି ଜୁନ୍‌ର ପ୍ରଥମ ଅର୍ଦ୍ଧେକରେ ଶୁଭାରମ୍ଭ ହେବାକୁ ଯାଉଛି। ଗାଲାକ୍ସି ଏମ୍୪୦ ହେଉଛି ସବୁଠାରୁ ଅଧିକ ପ୍ରିମିୟମ ଏମ୍ ସ୍ମାର୍ଟଫୋନ୍, ଯାହାର ମୂଲ୍ୟ ଟ. ୨୦,୦୦୦ ହେବାର ଆଶା କରାଯାଉଛି। ଗାଲାକ୍ସି ଏମ୍୪୦ ସ୍ନାପ୍‌ଡ୍ରାଗନ୍ ପ୍ରୋସେସର ଓ ସାମ୍‌ସଙ୍ଗର ଇନ୍‌ଫିନିଟି ଓ ଡିସ୍‌ପ୍ଲେ ଟେକ୍‌ନୋଲୋଜି ଦ୍ୱାରା ଶୁଭାରମ୍ଭ ହେବ। ଭାରତ ପ୍ରଥମ ଦେଶ ଭାବରେ ଗାଲାକ୍ସି ଏମ୍୪୦ ପାଇବ। ଗାଲାକ୍ସି ଏମ୍ କୁ ଭାରତରେ ସଫଳ କରିଥିବାରୁ ସାମ୍‌ସଙ୍ଗ ଏହାର ଗ୍ରାହକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଓଡ଼ିଶାରେ ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଶାଖାର ସମ୍ପ୍ରସାରଣ

- ଭଦ୍ରକ ଏବଂ ବାଲେଶ୍ୱରରେ ୨ଟି ନୂତନ ଶାଖାର ଶୁଭାରମ୍ଭ
- ବରିଷ୍ଠ ନାଗରିକ ମାନଙ୍କ ପାଇଁ ଫିକ୍ସଡ଼ ଡ଼ିପୋଜିଟରେ ୯.୬% ସୁଧ ହାର

ଭୁବନେଶ୍ୱର,୩।୬ (ନି.ପ୍ର): ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିଃ. ପକ୍ଷରୁ ଓଡ଼ିଶାରେ ଏହାର ବ୍ରାଞ୍ଚ ନେଟୱାର୍କ ୧୯ରେ ସମ୍ପ୍ରସାରଣ ସ୍ୱରୂପ ଭଦ୍ରକ ଏବଂ ବାଲେଶ୍ୱରରେ ଦୁଇଟି ନୂତନ ଶାଖାର ଶୁଭାରମ୍ଭ କରାଯାଇଛି । ଏହାର ଆଠଟି ଶାଖା ପୂର୍ବାଞ୍ଚଳ ରାଜ୍ୟର ଗ୍ରାମାଞ୍ଚଳରେ ରହିଥିବାବେଳେ ଏହା ଆର୍ଥିକ ଅନ୍ତର୍ଭୁକ୍ତିକରଣ ପାଇଁ ପ୍ରତିଶୃତିବଦ୍ଧ । ବର୍ତ୍ତମାନ ଓଡ଼ିଶାରେ ବ୍ୟାଙ୍କ ପକ୍ଷରୁ ଅତି କମ୍‌ରେ ୬୫,୦୦୦ ଗ୍ରାହକ ମାନଙ୍କୁ ସେବା ଯୋଗାଇ ଆସୁଥିବାବେଳେ ସମ୍ପୂର୍ଣ୍ଣ ଭାରତରେ ୫୪ ଲକ୍ଷରୁ ଅଧିକ ଲୋକମାନଙ୍କୁ ସେବା ଯୋଗାଇ ଆସୁଛି । ଉକ୍ତ ସେବା ୧୬,୦୦୦ କର୍ମଚାରୀ ମାନଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବାବେଳେ ଏହା ୨୫୦ଟି ଶାଖାରେ ଏବଂ ୨୬୨ଟି ଆସେଟ କେନ୍ଦ୍ରରେ ଉପଲବ୍ଧ ହେଉଛି ।

ଭଦ୍ରକ ଶାଖାର ଶୁଭାରମ୍ଭ ଅବସରରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ପୂର୍ବତନ ଡ଼େପୁଟି ଗଭର୍ଣ୍ଣର, ଶ୍ରୀ ହରୁନ ରଶିଦ ଖାନ୍ କହିଛନ୍ତିଯେ, "ଆର୍ଥିକ ଅନ୍ତର୍ଭୁକ୍ତିକରଣ ଉପରେ ଦୃଷ୍ଟି କେନ୍ଦ୍ରିତ କରୁଥିବାରୁ ମୁଁ ସେମାନଙ୍କୁ ଅଭିନନ୍ଦନ ଯଣାଉଛି । ଏବଂ ବ୍ୟାଙ୍କିଂ ଉତ୍ପାଦ ଗୁଡ଼ିକ ଉଭୟ ଫିଜିକାଲ ଏବଂ ଡ଼ିଜିଟାଲ ରୂପରେ ଏକ ବ୍ୟୟସାପେକ୍ଷ ଉପାୟରେ ଓଡ଼ିଶାର ବ୍ୟାଙ୍କନଥିବା ସ୍ଥାନ ମାନଙ୍କରେ ପ୍ରଦାନ କରୁଥିବାରୁ ମୁଁ ଅତ୍ୟନ୍ତ ଉତ୍ସାହିତ ।"

ଭଦ୍ରକ ଏବଂ ବାଲେଶ୍ୱର ଶାଖାର ଶୁଭାରମ୍ଭ ଅବସରରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ଖଡ଼ଗପୁରର ପୂର୍ବତନ ନିର୍ଦ୍ଦେଶକ ଏବଂ ଆରବିଆଇ ସେଣ୍ଟ୍ରାଲ ବୋର୍ଡ଼ର ପୂର୍ବତନ ନିର୍ଦ୍ଦେଶକ, ଡ଼ଃ ଦାମୋଦର ଆଚାର୍ଯ୍ୟ ଉପସ୍ଥିତ ରହିଥିଲେ । ବ୍ୟାଙ୍କ ସୁବିଧା ନଥିବା ଅଞ୍ଚଳରେ ଏବଂ ବ୍ୟାଙ୍କ ସେବା ପାଉନଥିବା ଲୋକମାନଙ୍କୁ ସେବା ପହଞ୍ଚାଇବାରେ ସଫଳ ହେବା ପାଇଁ ସେ ଶୁଭକାମନା ଦେଇଥିଲେ ।

ଏହି ଅବସରରେ ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ଏହାର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଅଜୟ କନୱାଲ କହିଛନ୍ତିଯେ, "ଆମ ବ୍ୟାଙ୍କ ପାଇଁ ଓଡ଼ିଶା ହେଉଛି ଏକ ପ୍ରମୁଖ ବଜାର । ଆମ୍ଭେମାନେ ଆମର ନୂତନ ଆଉଟଲେଟ ସହିତ ଆମର ଗ୍ରାହକ ମାନଙ୍କୁ ସେବା ଯୋଗାଇଦେଉଥିବାରୁ ଅତ୍ୟନ୍ତ ଆନନ୍ଦିତ । ଆମ୍ଭେମାନେ ଅତି ଗଭିରଭାବେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସହିତ ଜଡ଼ିତ ରହିଆସିଛୁ । ଆମର ଡ଼ିଜିଟାଲ ସୁଦୃଢତା ସହିତ, ଆମର ଗ୍ରାହକମାନେ ଯେବେକି ସେମାନଙ୍କର ସାଧାରଣ ଲୋନ୍ କିମ୍ବା ଏକ ନୂତନ ବ୍ୟାଙ୍କ ଆଉଉଣ୍ଟ ଖୋଲିବାକୁ ଯାଉଥିବେ ପ୍ରତ୍ୟୋକ୍ଷଭାବେ ଆଧୁନିକ ଯୁଗର ବ୍ୟାଙ୍କିଂ ସହିତ ଜଡ଼ିତ ରହିପାରିବେ, ।" ଡ଼ିସେମ୍ବର ୨୦୧୯ ସୁଦ୍ଧା ବ୍ୟାଙ୍କ ଓଡ଼ିଶାରେ ୨୩ଟି ଅଧିକ ଶାଖା ଖୋଲିବା ପାଇଁ ପ୍ରତିଶୃତିବଦ୍ଧ ।

# ଏଆରଆରସିର ଏପି ୨୫୦ ଶ୍ରେଣୀରେ ପ୍ରଥମ ଭାରତୀୟ ଭାବେ ରାଜୀବଙ୍କ ଶ୍ରେଷ୍ଠ ୭ର ଯୋଗ୍ୟତା ହାସଲ

**ଭୁବନେଶ୍ୱର,୨।୬(ନି.ପ୍ର):** ଥାଇଲ୍ୟାଣ୍ଡର ଚାଙ୍ଗ ଇଂଟରନ୍ୟାସନାଲ୍ ସର୍କିଟ୍‌ରେ ଆରମ୍ଭ ହୋଇଥିବା ଏଫ୍‌ଆଇଏମ ଏସିଆ ରୋଡ୍ ରେସିଂ ଚାମ୍ପିଆନ୍‌ସିପ୍ (ଏଆରଆରସି)ର ଭାରତର ପାଇଁ ମିଶ୍ରିତ ଫଳ ମିଳିଛି। ଭାରତର ଏକମାତ୍ର ଟିମ୍ ଆଇଡେମିସୁ ହୋଣ୍ଡା ରେସିଂ ଇଣ୍ଡିଆ ଟିମ୍‌ର ଚାଳକ ରାଜୀବ ସେତୁ ଓ ସେନ୍ଥିଲ କୁମାର ଉନ୍ନତ ପ୍ରଦର୍ଶନ କରିଛି।



ଗତକାଲିର ଅଭ୍ୟାସ ବେଳେ ନିରନ୍ତର ଭାବେ ଶ୍ରେଷ୍ଠ ୧୫ ଭିତରେ ଥିବା ରାଜୀବ ଆଜିର ଯୋଗ୍ୟତା ପର୍ଯ୍ୟାୟରେ ରାଜୀବ ରେକର୍ଡ ପ୍ରଦର୍ଶନ କରି ପ୍ରଥମ ଭାରତୀୟ ଚାଳକ ଭାବେ ଶ୍ରେଷ୍ଠ ୭ରେ ପହଂଚିଛନ୍ତି। ରେସ୍‌ର ଅଗ୍ରଣୀ ଚାଳକଙ୍କ ଠାରୁ ମାତ୍ର ଏକ ସେକେଣ୍ଡ୍ ପଛରେ ରହିଥିଲେ। ଏପି ୨୫୦ ଶ୍ରେଣୀରେ ରାଜୀବ ଶେଷ ଲ୍ୟାପ୍ ସମୟ ସହିତ ଶ୍ରେଷ୍ଠ ୭ରେ ପହଂଚିଛନ୍ତି। ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ପ୍ରଥମ ରେସ୍‌ରେ ରାଜୀବ ଭଲ ପ୍ରଦର୍ଶନ କରିପାରିନଥିଲେ। ଭଲ ଆରମ୍ଭ ନହେବାରୁ ସେ ୧୪ତମ ସ୍ଥାନକୁ ଖସିଯାଇଥିଲେ। ଦଶମ ଲ୍ୟାପ୍ ଆରମ୍ଭ ବେଳକୁ ସେ ନିଜର ନଜରରେ ଥିବା ସ୍ଥାନ ୧୦ମ ସ୍ଥାନରେ ପହଂଚିପାରିଥିଲେ। ଏହା ପରେ ତାଙ୍କର ବାଇକ୍ ଛୋଟ ଦୁର୍ଘଟଣାର ଶିକାର ହୋଇଥିଲା। ହାଣ୍ଡେଲ୍ ବାର୍‌ରେ ଆଘାତ ସତ୍ତ୍ୱେ ସେ ନିଜର ରେସ୍ ଶେଷ କରିପାରିଥିଲେ। ଭାରତର ଅନ୍ୟତମ ଚାଳକ ସେନ୍ଥିଲ କୁମାର ଭଲ ଆରମ୍ଭ କରି ଅଷ୍ଟମ ଲ୍ୟାପ୍ ପର୍ଯ୍ୟନ୍ତ ରେସ୍‌କୁ ଭଲ ଦିଗରେ ଆଗେଇ ନେଇଥିଲେ। ଶେଷ ଦୁଇ ଲ୍ୟାପ୍‌ରେ ଦୁଇ ଚାଳକଙ୍କୁ ଅତିକ୍ରମ କରି ସେ ୧୮ତମ ସ୍ଥାନରେ ପହଂଚିଥିଲେ।

ଚାଳକମାନଙ୍କ ପ୍ରଦର୍ଶନ ସମ୍ପର୍କରେ ଶ୍ରୀଯୁକ୍ତ ପ୍ରଭୁ ନାଗରାଜ, ଉପସଭାପତି-ବ୍ରାଣ୍ଡ୍ ଆଣ୍ଡ୍ କମ୍ୟୁନିକେସନ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କହିଛନ୍ତି ଯେ, "ଭଲ ଆରମ୍ଭ ପରେ ଆମେ ଆଜି ଲକ୍ଷ୍ୟ ହାସଲ କରିବୁ ବୋଲି ବିଶ୍ୱାସଭରା ଥିଲୁ। ମୁଁ ବହୁତ ଖୁସି ଯେ ଚାଳକ ଓ ମେସିନ୍ ଉଭୟ ଭଲ ପ୍ରଦର୍ଶନ କରିଥିବା ବେଳେ ରାଜବ ଯୋଗ୍ୟତା ପର୍ଯ୍ୟାୟରେ ଶ୍ରେଷ୍ଠ ସପ୍ତମ ସ୍ଥାନ ହାସଲ କରିଛନ୍ତି। ଆମେ ନିଶ୍ଚିତ ରୂପେ ଏକ ଭଲ ସୁଯୋଗ ହାତ ଛଡ଼ା କଲୁ। ରାଜୀବଙ୍କ ଲଢୁଆ ମନୋଭାବ ଯୋଗୁ ଶେଷ ଲ୍ୟାପରେ ଦୁର୍ଘଟଣା ସତ୍ତ୍ୱେ ସେ ପ୍ରତ୍ୟାବର୍ତନ କରିପାରିଥିଲେ। ଆସନ୍ତାକାଲି ପାଇଁ ଆମର ଲକ୍ଷ୍ୟ ହେଉଛି ଯୋଗ୍ୟତା ପର୍ଯ୍ୟାୟ ସ୍ଥାନକୁ ବଜାୟ ରଖିବା ଓ ଶ୍ରେଷ୍ଠ ୧୦କୁ ନଜରରେ ରଖିବା।'' ଯୋଗ୍ୟତା ପର୍ଯ୍ୟାୟରେ ଭଲ ଫଳ ପରେ ରେସ୍ ୧ ପାଇଁ ମୁଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ରାଜୀବ କହିଛନ୍ତି। ସେହିପରି ଆଗାମୀ ରେସ୍‌ରେ ମୁଁ ଭୁଲଗୁଡ଼ିକୁ ସୁଧାରିବାକୁ ଉଦ୍ୟମ କରିବି ବୋଲି ସେନ୍ଥିଲ କହିଛନ୍ତି।

# ୪୦% ଲୋକଙ୍କ ଧୂମପାନ ଛାଡ଼ିବାକୁ ଉଦ୍ୟମ

**ଭୁବନେଶ୍ୱର,୩।୬(ନି.ପ୍ର):** ଆଇସିଆଇସିଆଇ ଲୋମ୍ବାର୍ଡ ସଭେ ଦେଶର ଅଗ୍ରଣୀ ଜେନେରାଲ୍ ଇନସ୍ୟୁରାନ୍ସ କଂପାନି ଆଇସିଆଇସିଆଇ ଲୋମ୍ବାର୍ଡ ପକ୍ଷରୁ ଭୁବନେଶ୍ୱରରେ ଧୂମପାନକାରୀଙ୍କ ଅଭ୍ୟାସ ଏବଂ ସେମାନଙ୍କ ଉପରେ ବନ୍ଧୁମାନଙ୍କର ପ୍ରଭାବ ଜାଣିବା ପାଇଁ ଏକ ସର୍ଭେ କରାଯାଇଥିଲା। ସେହି ସର୍ଭେ ରିପୋର୍ଟକୁ ବିଶ୍ୱ ତମାଖୁ ବର୍ଜନ ଦିବସରେ ଉନ୍ମୋଚନ କରାଯାଇଛି। ସର୍ଭେରୁ ଅନେକ ରୋଚକ ତଥ୍ୟ ସାମ୍ନାକୁ ଆସିଛି।

ସର୍ଭେରୁ ଜଣାପଡ଼ିଛି ଯେ ଅଧିକାଂଶ ଲୋକ ବନ୍ଧୁଙ୍କ ପ୍ରଭାବରେ ହିଁ ଧୂମପାନ କରିଥାନ୍ତି। ଏହାର ଦ୍ୱିତୀୟ ଦିଗଟି ହେଉଛି ସେହିଭଳି କିଛି ବନ୍ଧୁମାନଙ୍କ ଯୋଗୁ ହିଁ ଲୋକମାନେ ଧମୂପାନ ଛାଡିଥାନ୍ତି। ସର୍ଭେରେ ଭାଗ ନେଇଥିବା ୪୦ ପ୍ରତିଶତ ଲୋକ କହିଛନ୍ତି ଯେ ସେମାନେ ଧୂମପାନ ଛାଡ଼ିବାକୁ ଉଦ୍ୟମ କରୁଛନ୍ତି ଏବଂ ଧୂମପାନ ଛାଡ଼ିବାକୁ ପ୍ରତିବଦ୍ଧ। ୪୮% ଲୋକ କହିଛନ୍ତି ଯେ ନିଜକୁ କୁଲ୍ ଦେଖେଇ ହେବା ପାଇଁ କିମ୍ବା ଲୋକମାନଙ୍କ ଦ୍ୱାରା ଅଧିକ ଗ୍ରହଣୀୟ ହେବା ପାଇଁ ସେମାନେ ଧୂମପାନ କରୁଛନ୍ତି। ୭୫% ଲୋକ କହିଛନ୍ତି ସେମାନଙ୍କ ଅଧିକାଂଶ ବନ୍ଧୁ ଧୂମପାନ କରନ୍ତି ଏବଂ ୭୦% ଲୋକ କହିଛନ୍ତି ଯେ ସେମାନଙ୍କ ଘରେ ଧୂମପାନକାରୀ ସଦସ୍ୟ ଅଛନ୍ତି। ସେହିପରି ଧୂମପାନ କରୁନଥିବା ୪୬% ଲୋକ କହିଛନ୍ତି ଯେ ସେମାନଙ୍କ ସବୁ ବନ୍ଧୁ ଧୂମପାନ କରନ୍ତି।

ଏହି ସର୍ଭେରେ ଭାଗ ନେଇତିବା ୫୭% ଲୋକ କହିଛନ୍ତି ଯେ ଧୂମପାନ ଛାଡ଼ିବାକୁ ସେମାନଙ୍କ ପରିବାର ସଦସ୍ୟ ତାଙ୍କୁ ଅନୁପ୍ରାଣିତ କରୁଛନ୍ତି। ୪୧% ଲୋକ କହିଛନ୍ତି ଯେ ବନ୍ଧୁ ଓ ସହଯୋଗୀଙ୍କ ଚାପ ଯୋଗୁ ସେମାନେ ଧୂମପାନ ଛାଡ଼ିପାରୁନାହାନ୍ତି। ସବୁଠୁ ଭଲ କଥା ହେଉଛି ୫୯% ଲୋକ କହିଛନ୍ତି ଯେ ସେମାନଙ୍କ କୌଣସି ବନ୍ଧୁ କିମ୍ବା ପ୍ରିୟଜନଙ୍କୁ ପ୍ରଦାନ କରିଥିବା ପ୍ରତିଶ୍ରୁତି ସେମାନଙ୍କ ପାଇଁ ଧୂମପାନ ଛାଡ଼ିବାରେ ସହାୟକ ହେଉଛି। ୪୫% ଲୋକ ଧୂମପାନ ଛାଡ଼ିବାକୁ ଉଦ୍ୟମ କରିଥିଲେ ଏବଂ ସେଥିପାଇଁ ତାଙ୍କୁ ବର୍ଷେରୁ ଅଧିକ ସମୟ ଲାଗିଥିଲା। ଏହି ସର୍ଭେ ବିଷୟରେ ଶ୍ରୀଯୁକ୍ତ ସଂଜୟ ଦତା, ଚିଫ୍ ଅଣ୍ଡରରାଇଟିଂ, କ୍ଲେମ୍ ଆଣ୍ଡ୍ ରିଇନ୍‌ସ୍ୟୁରାନ୍ସ, ଆଇସିଆଇସିଆଇ ଲୋମ୍ବାର୍ଡ ଜେନେରାଲ୍ ଇନ୍‌ସ୍ୟୁରାନ୍ସ କଂପାନି ଲିମିଟେଡ୍ କହିଛନ୍ତି ଯେ, "ଏହା ଜଣାଶୁଣା କଥା ଯେ ଧୂମପାନ ଅଭ୍ୟାସ ଶରୀର ପାଇଁ କ୍ଷତିକାରକ। ଏହା ସତ୍ତ୍ୱେ ଯୁବବର୍ଗ ଧୂମପାନ ଅଭ୍ୟାସ ଜାରି ରଖିଛନ୍ତି। ବନ୍ଧୁ ଓ ସମାଜରେ ଗ୍ରହଣୀୟ ହେବା ପାଇଁ ସେମାନେ ଏଭଳି କରୁଥିବା ଜଣାପଡ଼ିଛି। ଏହି ସର୍ଭେ ଆମକୁ ଧୂମପାନକାରୀ ଏବଂ ସେମାନଙ୍କ ବନ୍ଧୁଙ୍କ ଭିତରେ ଥିବା ସମ୍ପର୍କକୁ ବୁଝିବାରେ ସହାୟକ ହୋଇଛି। ସେଥିପାଇଁ ବନ୍ଧୁଙ୍କ ଚାପରେ ଧୂମପାନ ଛାଡ଼ିବାକୁ ଉଦ୍ୟମ କରାଯିବା ଦରକାର ବୋଲି ଆମେ ଜାଣିପାରିଛୁ। ଆଇସିଆଇସିଆଇ ଲୋମ୍ବାର୍ଡରେ ଆମେ ବନ୍ଧୁଙ୍କ ସହଯୋଗରେ ସବୁ କଠିନ କାମ ସହଜ ବୋଲି ବିଶ୍ୱାସ କରୁ।



# ଜଗନ୍ନାଥ ଟ୍ରକ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା ମନୋନୀତ

ପାରାଦ୍ୱୀପ,୩।୬ (ନି.ପ୍ର) : ଜଗନ୍ନାଥ ଟ୍ରକ୍ ମାଲିକ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଆଜିର ସାଧରଣ ବୈଠକରେ ମୂଖ୍ୟ ବିଷୟ ବସ୍ତୁଥିଲା ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ । ଉକ୍ତ ବିଷୟ ଆଲୋଚନାରେ ବର୍ତ୍ତମାନର ଥିବା କର୍ମକର୍ତ୍ତା ଯଥା ସଭାପତି ଛଇଳ ଚନ୍ଦ୍ର ଜେନା, କାର୍ଯ୍ୟକାରୀ ସଭାପତି ଉମାକାନ୍ତ ମିଶ୍ର, ଉପସଭାପତି ଶ୍ରୀ ପ୍ରକାଶ ଜେନା, ସମ୍ପାଦକ ମନୋଜ କୁମାର ସ୍ୱାଇଁ, ସହ ସମ୍ପାଦକ ସୁଧିର କୁମାର ଜେନା ଏବଂ କୋଷାଧକ୍ଷ ସୁନାକର ମହାନ୍ତି ପ୍ରମୁଖଙ୍କୁ ବିଗତ ବର୍ଷର କାର୍ଯ୍ୟକଳାକୁ ପ୍ରଶଂସା କରି ସଙ୍ଘ ପୁଣି ନିର୍ବାଚନ ପ୍ରକିୟାକୁ ନଯାଇ ବର୍ତ୍ତମାନର ଥିବା କର୍ମକର୍ତ୍ତାଙ୍କୁ ଆଗାମି ଏକ ବର୍ଷ ନିମନ୍ତେ କର୍ମକର୍ତ୍ତା ଭାବେ କାର୍ଯ୍ୟ କରିବା ପାଇଁ ପ୍ରସ୍ତାବ ଆସିଥିଲା ।ଉକ୍ତ ପ୍ରସ୍ତାବକୁ ସଭାରେ ଉପସ୍ଥିତ ଥିବା ସମସ୍ତ ସଭ୍ୟ ଠିଆହୋଇ ଏକସ୍ୱରରେ କରତାଳି ସହ ସମର୍ଥନ କରିଥିଲେ ।

# ପରିବେଶ ସୁରକ୍ଷା ଆମର ଯତ୍ନ



ଭୁବନେଶ୍ୱର,୩।୬ (ନି.ପ୍ର): ବର୍ଷା ଦିନରେ ଗଛ ଲଗାଇବା ଅଭିଯାନ କରନ୍ତୁ। ଜଣେ ବ୍ୟକ୍ତି ଗୋଟିଏ ଗଛ ଲଗାଇ ଏହାର ଯତ୍ନ ନିଅନ୍ତୁ। ରୋଟାରି କ୍ଲବ ତୋଷାଳି ପକ୍ଷରୁ ମିଶନ ଗ୍ରନ୍ କାର୍ଯ୍ୟକ୍ରମରେ ଆଜି ପରିବେଶ ସଚେତନତା କରାଯିବା ସହ ଚାରା ବଂଟନ କରାଯାଇଥିଲା। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ।

# +୨ ବିଜ୍ଞାନ ପରୀକ୍ଷାରେ ବିଏସ୍ କଲେଜର ପାସହାର ୯୯%

ଦଶପଲ୍ଲା,୩/୬ (ନି.ପ୍ର) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ବିଜ୍ଞାନ ବିଭାଗ ପରିକ୍ଷା ରେ ଦଶପଲ୍ଲା ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ପାସ୍ ହାର ୯୯ ପ୍ରତିଶତ ହୋଇଛି। ସମୁଦାୟ ୮୩ ଜଣ ଛାତ୍ରଛାତ୍ରୀ ପରିକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫୦ ଜଣ ପ୍ରଥମ ଶ୍ରେଣୀ, ୨୫ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୭ ଜଣ ତୃତୀୟ ଶ୍ରେଣୀରେ ଉତିର୍ନ୍ନ ହୋଇଥିବା ବେଳେ ଜଣେ ଅକୃତକାର୍ଯ୍ୟ କରିଥିବା ଜଣାପଡିଛି। ତେବେ କଲେଜର ଏଭଳି କୃତିତ୍ୱକୁ ନେଇ କଲେଜ କର୍ତୃପକ୍ଷ, ଛାତ୍ରଛାତ୍ରୀ ଏବଂ ଅବିଭାବକ ମହଲରେ ଉତ୍ସାହ ଦେଖିବାକୁ ମିଳିଛି।

# ସଙ୍ଗୀତଭିତ୍ତିକ ନୃତ୍ୟରେ ସରିଲା ଇଟିକିଲି ମିଟିକିଲି ଉତ୍ସବ

ଭୁବନେଶ୍ୱର,୩।୬: ଆଜି ଥିଲା ଚତୁର୍ବିଂଶତମ ଇଟିକିଲି ମିଟିକିଲି ଉତ୍ସବ ମଞ୍ଚ କାର୍ଯ୍ୟକ୍ରମର ଦ୍ୱିତୀୟ ଓ ଶେଷ ଦିବସ । ଏହି ଅବସରରେ ସକାଳ ବେଳା ରୟାଲ କଲେଜ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ପ୍ରେକ୍ଷାଳୟରେ ଗୁଞ୍ଜରିତ ହୋଉଥିଲା ସାନସାନ ପିଲାମାନଙ୍କର ମନଛୁଆଁ କଣ୍ଠସଙ୍ଗୀତ, ଯାହାକି ସମଗ୍ର ଶ୍ରୋତାମଣ୍ଡଳୀ ଓ ଉପସ୍ଥିତ ଦର୍ଶକଙ୍କୁ ମୁଗ୍ଧ କରିଦେଉଥିଲା । ସାନସାନ ପିଲାମାନଙ୍କ ମଧ୍ୟରେ ଅଧିକାଂଶ ଥିଲେ ଆମ ରାଜ୍ୟର ବହୁ ଜଣାଶୁଣା ଶିଶୁ-କଣ୍ଠଶିଳ୍ପୀ, ଯେଉଁମାନେ କି ନିୟମିତ ବିଭିନ୍ନ ଟେଲିଭିଜନ ଚ୍ୟାନେଲର ସଙ୍ଗୀତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥାନ୍ତି । ଆଜିର ଏହି କଣ୍ଠସଙ୍ଗୀତ କାର୍ଯ୍ୟକ୍ରମକୁ ଉଦଘାଟନ କରି ପୂର୍ବତନ ମୁଖ୍ୟ ଆୟକର ଆୟୁକ୍ତ ତଥା ବିଶିଷ୍ଟ କବି ଶରତ କୁମାର ଦାଶ ନିଜ ବକ୍ତବ୍ୟରେ ସାନସାନ ପିଲାଙ୍କର ସଙ୍ଗୀତ ପରିବେଷଣ ଶୈଳୀକୁ ବେଶ୍ ପ୍ରଶଂସା କରିଥିଲେ । କଣ୍ଠସଙ୍ଗୀତ କାର୍ଯ୍ୟକ୍ରମରେ



ଅତିଥି ତଥା ବିଚାରକ ଭାବରେ ଗୁରୁ ନିମାକାନ୍ତ ରାଉତରାୟ, ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ମଞ୍ଜୁଶ୍ରୀ ତ୍ରିପାଠୀ ଓ କଣ୍ଠଶିଳ୍ପୀ ତଥା ଜଣାଶୁଣା ଘୋଷକ ଜେନାମଣି ସଞ୍ଜିବ କୁମାର ପ୍ରମୁଖ ଯୋଗଦାନ କରି କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ । କଣ୍ଠସଙ୍ଗୀତ ପ୍ରତିଯୋଗୀତାରେ ସମଗ୍ର ରାଜ୍ୟରୁ ଦୁଇଟି ବିଭାଗରେ ୬୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ବେଶ୍ ଉଚ୍ଚକୋଟୀର ସଙ୍ଗୀତ ପରିବେଷଣ କରିଥିଲେ । ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା ସଙ୍ଗୀତ ଭିତ୍ତିକ ନୃତ୍ୟ ପ୍ରତିଯୋଗିତା ଏବଂ ଏଥିରେ ସମଗ୍ର ରାଜ୍ୟରୁ ଦୁଇଟି ବିଭାଗରେ ୮୨ ଜଣ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରି ବେଶ୍ ସୁନ୍ଦର ଭାବରେ ଦେଶାତ୍ମବୋଧକ, ସମ୍ବଲପୁରୀ, ଆଧୁନିକ ତଥା ଅନ୍ୟ ବିଭିନ୍ନ ଶୈଳୀର ଏକକ ନୃତ୍ୟ ପରିବେଷଣ କରି ନିଜ ନିଜର ପାରାକାଷ୍ଠା ପ୍ରତିପାଦନ କରିଥିଲେ । ନୃତ୍ୟ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ରୟାଲ କଲେଜ ପରିଚାଳନା କମିଟିର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ମାନସୀ ମହାନ୍ତି ସମସ୍ତ କୁନିକୁନି ନୃତ୍ୟଶିଳ୍ପୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ । ସଙ୍ଗୀତ ଭିତ୍ତିକ ନୃତ୍ୟ କାର୍ଯ୍ୟକ୍ରମରେ ଅତିଥି ତଥା ବିଚାରକ ଭାବରେ ଗୁରୁ ଦେବବ୍ରତ ଦାସ, ଗୁରୁ ପାର୍ଥସାରଥୀ ଦାଶ ଓ ତପତୀ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରି କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ । ପରିଶେଷରେ ଅନୁଷ୍ଠାନର ସଚିବ ଶରତ କୁମାର ନାୟକ ଦୁଇ ଦିନଯାକ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ଯୋଗଦେଇଥିବା ସମସ୍ତ ସାନସାନ ପିଲା ଓ ସେମାନଙ୍କର ଅବିଭାବକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଜି ଆୟୋଜିତ ଶେଷ ଦିବସର କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅନ୍ୟାନ୍ୟ କର୍ମକର୍ତ୍ତା ଯଥା, ସହ-ସଚିବ ଜୟପ୍ରକାଶ ମିଶ୍ର, ସାଂସ୍କୃତିକ ସଂପାଦିକା ଅନୀତା ରଥ, ତୃପ୍ତି ବାରିକ, ପ୍ରିୟଦର୍ଶୀ ଶୁଭକାନ୍ତ ଓ ଶିଳ୍ପୀତା ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ ।

# ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଭିନ୍ନକ୍ଷମଙ୍କୁ ଆର୍ଥିକ ସହାୟତା

ତିହିଡ଼ି, ୩।୬ (ନିପ୍ର) ସ୍ୱାବଲମ୍ବୀ ହେବା ପାଇଁ ଭିନ୍ନକ୍ଷମମାନଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଭଦ୍ରକ ଜିଲରେ ୧୦ ହଜାର ଟଙ୍କା କରି ୧୧୨ ଜଣଙ୍କ ପାଇଁ ପ୍ରଥମ କିସ୍ତି ଅର୍ଥ ଆସିଥିବା ବେଳେ ୫୪ ଜଣଙ୍କୁ ୧୦ ହଜାର ଟଙ୍କା କରି ଦ୍ୱିତୀୟ କିସ୍ତି ଅର୍ଥ ଆସିଛି। ପାନ ଦୋକାନ, ପରିବାର ଦୋକାନ, ସିଲେଇ ଦୋକାନ, ତେଜରାତି ଦୋକାନ, ଚା ଦୋକାନ, ମାଛ ଦୋକାନ, ଗୋପାଳନ, ସାଇକେଲ ମରାମତି ଦୋକାନ, ମୋବାଇଲ ରିପ୍ୟାରିଂ ଆଦି ବ୍ୟବସାୟ ପାଇଁ ଏହି ଅର୍ଥ ପ୍ରଦାନ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ତିହିଡ଼ି ବ୍ଲକରେ ୧୮ ଜଣଙ୍କୁ ପ୍ରଥମ ଦଫାରେ ୧୦ ହଜାର କରି ଏକ ଲକ୍ଷ ଅଶି ହଜାର ଟଙ୍କା ଆସିଥିବା ବେଳେ ୩୫ ଜଣଙ୍କୁ ଦ୍ୱିତୀୟ କିସ୍ତି ପାଇଁ ତିନି ଲକ୍ଷ ୫୦ ହଜାର ଟଙ୍କା ଆସିଛି।

# ତିହିଡ଼ି ବିଜୁ ଯୁବବାହିନୀ ପକ୍ଷରୁ 'ଫନି' ବିପର୍ଯ୍ୟୟଙ୍କୁ ୨୦ ହଜାର ଟଙ୍କା ପ୍ରଦାନ

ତିହିଡି ୩।୬ (ନି.ପ୍ର.) ବାତ୍ୟା 'ଫଣି'ରେ ପ୍ରଭାବିତ ବିପନ୍ନଙ୍କୁ ସାହାଯ୍ୟ କରିବା ପାଇଁ ତିହିଡ଼ି ବ୍ଲକର ଥିବା ବିଜୁ ଯୁବବାହିନୀ ଗୁଡ଼ିକ ମିଳିତ ଭାବେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଭାଟପଡ଼ା ବିଜୁ ଯୁବବାହିନୀର ସଭାପତି ଯଯାତିକେଶରୀ ଦାସ, ସମ୍ପାଦକ ପ୍ରଭାସ ରଥ, କୋହ୍ଲ ଯୁବବାହିନୀର ସରସ୍ୱତୀ ନାୟକ, ବାହାବଳପୁରର ମନୋରଂଜନ ବେହେରା, ବାରୋର ଧନଞ୍ଜୟ ନାୟକ, ଫତେପୁରର ସଂଗ୍ରାମ ମହାପାତ୍ର, ହରିସିଂହପୁରର ଜଗନ୍ନାଥ ନାୟକ ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ଜିଲାପାଳ ଜ୍ଞାନ ଦାସଙ୍କୁ ମୋଟ ୨୦ ହଜାର ୭ ଶହ ୫୦ ଟଙ୍କା ପ୍ରଦାନ କରିଛନ୍ତି। ଜିଲା କୋଅର୍ଡ଼ିନେଟର ବିଶ୍ୱରଂଜନ ନାୟକ, ଜିଲା ପ୍ରୋଗ୍ରାମ ଅଫିସର ପ୍ରଦୀପ ପ୍ରଧାନ ଓ ତିହିଡ଼ି ବ୍ଲକ କୋଅର୍ଡ଼ିନେଟର ପ୍ରଶାନ୍ତ ଖଟୁଆ ପ୍ରମୁଖ ଉପସ୍ଥିତ ରହିଥିଲେ। ସୂଚନା ଯୋଗ୍ୟ, ବାତ୍ୟା 'ଫଣି' ସମୟରେ ବିଜୁ ଯୁବବାହିନୀର କର୍ମକର୍ତ୍ତାମାନେ ନିଜନିଜ ପଞ୍ଚାୟତରେ ବାତ୍ୟା



ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଜନହିତକର କାର୍ଯ୍ୟମାନ କରିଥିଲେ। ଲୋକଙ୍କୁ ଥଇଥାନ କରିବା ସହ ବାତ୍ୟା ପରେ ରାସ୍ତାଘାଟ ଆଦି ସଫା କରିବା କାର୍ଯ୍ୟ ମଧ୍ୟ କରିଥିଲେ।

# ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ବିଜେପିର ସମୀକ୍ଷା ବୈଠକ

ତିହିଡ଼ି, ୩।୬ (ନିପ୍ର) ଧାମନଗର ନିର୍ବାଚନ ମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ବିଜେପିର ସମୀକ୍ଷା ବୈଠକ ଉପରଦୁମୁକା ଠାରେ ଅନୁଷ୍ଠିତ ହୋଇଯାଇଛି। ଶକ୍ତିକେନ୍ଦ୍ର ପ୍ରମୁଖ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଐଶାନ୍ୟଚଣ୍ଡୀ ମଣ୍ଡଳର ସଭାପତି ଉମାକାନ୍ତ ଦାସ ଯୋଗଦେଇ ପ୍ରତି ବୁଥ୍ ସ୍ତରରେ ସମୀକ୍ଷା କରିଥିଲେ। ବିଜେଡି ଠାରୁ ବିଜେପି ଏଠାରେ ୧୭୮ ଖଣ୍ଡ ଭୋଟରେ ଆଗୁଆ ଥିବା ବେଳେ କେଉଁ କାରଣରୁ ଅଧିକ ଭୋଟ ବିଜେପି ନେଇପାରିଲା ନାହିଁ ତାହାର କାରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ପ୍ରତ୍ୟେକ ବୁଥ ସଭାପତି, ପଦାଧିକାରୀ ଓ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗଦେଇ ନିଜ ନିଜ ବୁଥ ସମ୍ପର୍କରେ ଆଲୋଚନା କରିଥିଲେ। ଦଳର ପ୍ରାର୍ଥୀ ବିଷ୍ଣୁ ସେଠୀ ବିଧାୟକ ଭାବେ ବିଜୟୀ ହୋଇଥିବାରୁ ପଞ୍ଚାୟତରେ ବିଜେପି ଅଧିକ ଶକ୍ତିଶାଳୀ ହେବ ବୋଲି ସମସ୍ତ କର୍ମକର୍ତ୍ତା ଦୃଢ଼ ଆଶାପୋଷଣ କରିଥିଲେ। ସେହିପରି ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀ କେନ୍ଦ୍ର ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇଥିବାରୁ ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସାଧାରଣ ସମ୍ପାଦକ ସୁରେନ୍ଦ୍ର ନାୟକ, ଉପସଭାପତି ଶତ୍ରୁଜିତ ନାୟକ, ସହପ୍ରମୁଖ ପ୍ରଦୀପ ପରିଡ଼ା, ମଣ୍ଡଳ ଅନୁସୂଚିତ ଜାତି ମୋର୍ଚ୍ଚାର ସଭାପତି ଶରତ ଚନ୍ଦ୍ର ଦାସ, ଦୟାନିଧି ଦାସ, ବାବାଜୀ ଚରଣ ରାଉତ, ରବୀନ୍ଦ୍ର ସ୍ୱାଇଁ, ପିତାମ୍ବର ବାରିକ, ଧନେଶ୍ୱର ଆରଣ, ବୈଲୋଚନ ବାରିକ, ଟିକାୟତ ନାୟକ, ଦିଲିପ ନାୟକ, ଚନ୍ଦ୍ରମଣି ଖିଲାର, ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହାୟତା ପ୍ରଦାନ

ବାଲେଶ୍ୱର,୩/୬(ନି.ପ୍ର): ସରକାରୀ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ତରଫରୁ ସାମୁଦ୍ରିକ ଝଡ଼ ଫନୀରେ କ୍ଷତିଗ୍ରସ୍ତଙ୍କ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦଶହଜାର ଟଙ୍କା ପ୍ରଦାନ କରାଯାଇଛି। ସୋମବାର ଦିନ ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତଙ୍କୁ କମିଟିର କର୍ମକର୍ତ୍ତାମାନେ ଏହି ସହାୟତା ରାଶିର ଚେକ୍ ପ୍ରଦାନ କରିଥିଲେ। କମିଟିର ସଦସ୍ୟମାନଙ୍କଠାରୁ ଏଥିପାଇଁ ସ୍ୱତନ୍ତ୍ରଭାବେ ଏହି ଅର୍ଥ ସଂଗ୍ରହ କରାଯାଇଥିଲା। କ୍ରିୟାନୁଷ୍ଠାନ କମିଟିର ସଭାପତି ପ୍ରଫେସର ଅନନ୍ତ ପ୍ରଧାନଙ୍କ ସମେତ ଭଗବାନ ଚନ୍ଦ୍ର ରାଉତ, ପ୍ରଭାକର ସାହୁ, ବନମାଳୀ ନାୟକ, ଶ୍ରଦ୍ଧାଞ୍ଜଳି



ରାୟ, ନିରଞ୍ଜନ ପରିଡ଼ା, ଗୌରାଙ୍ଗ ପାଣିଗ୍ରାହୀ, ସୀତାରାମ ପ୍ରଧାନ, କୁମୁଦ ରଞ୍ଜନ ଗିରି, ରମେଶ ଚନ୍ଦ୍ର ଜେନା, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଯୋଗେଶ ଚନ୍ଦ୍ର ଜେନା, ରାଜେଶ କୁମାର ପାଢ଼ୀ, ଶଚୀନ୍ଦ୍ର ଦାସ, ପ୍ରଦୀପ ଦାସ, ଦିଲ୍ଲୀପ ଚକ୍ରବର୍ତ୍ତୀ, ପ୍ରସନ୍ନ କୁମାର ପାଢ଼ୀ, ଅନିଲ କୁମାର ମହାନ୍ତି, ରାଧାକୃଷ୍ଣ ଜେନା ଓ ବେଣୁଧର ପାଳ ପ୍ରମୁଖ ଜିଲ୍ଲାପାଳଙ୍କୁ ଚେକ୍ ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଗତ ଶନିବାର ଦିନ ସାପ୍ତାହିକ ବୈଠକରେ ବରିଷ୍ଠ ସଦସ୍ୟ ଅନନ୍ତ ଭୂୟାଁଙ୍କ ବିୟୋଗରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ତରଫରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା।

# ଜାତୀୟ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୩।୬ (ନି.ପ୍ର) : ଇଷ୍ଟର୍ଣ୍ଣ ଫାଉଣ୍ଡେସନ ଅଫ୍ ଆର୍ଟ ଆଣ୍ଡ କଲ୍‌ଚର ଓ ଧଉଳି ଋରୁକଳା ମହାବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ ଚତୁର୍ଥ ଜାତୀୟ କଳା ପ୍ରଦର୍ଶନୀ ଓ ଆଲୋଚନା ଚକ୍ର ଧଉଳି କ୍ରାଫ୍ଟ ବଜାର ନିକଟସ୍ଥ ମହାବିଦ୍ୟାଳୟର ପ୍ରଦର୍ଶନୀ ଗୃହରେ ଉଦ୍‌ଘାଟିତ ହୋଇଯାଇଛି।

ବରିଷ୍ଠ ଚିତ୍ରଶିଳ୍ପୀ ଜଗଦୀଶଚନ୍ଦ୍ର କାନୁନ୍‌ଗୋ ଓ ଟୁନେନ୍ଦ୍ର ପଟ୍ଟନାୟକ ଅତିଥି ରୂପେ ପ୍ରଦର୍ଶନୀକୁ ଶୁଭ ଉଦ୍‌ଘାଟନ କରିବା ସହ ଧଉଳି ଋରୁକଳା ମହାବିଦ୍ୟାଳୟ ଇଫାକ୍‌କୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରଦର୍ଶନୀରେ ୨୨ଟି ରାଜ୍ୟରୁ ମୋଟ ୧୫୦ଟି ଚିତ୍ର, ଭାସ୍କର୍ଯ୍ୟ, ମୁଦ୍ରଣ କଳା ଓ ଡ୍ରଇଁ ପ୍ରଦର୍ଶିତ ହୋଇଅଛି। ଏଥିରେ କୃତି ଶିଳ୍ପୀମାନଙ୍କୁ ଆସନ୍ତା ଜୁନ୍ ୫ ତାରିଖରେ ସମ୍ବର୍ଦ୍ଧିତ କରାଯିବ।

ଉଦ୍‌ଘାଟନୀ ଉତ୍ସବରେ ଚଳିତ ବର୍ଷ ଓଡ଼ିଶାରୁ କେନ୍ଦ୍ର ଲଳିତକଳା ଏକାଡ଼େମୀ ପୁରସ୍କାର ପାଇଥିବା ଭାସ୍କର୍ଯ୍ୟରେ ଚନ୍ଦନ କୁମାର ସାମଲ ଓ ଚିତ୍ରରେ ଜୟା ଜେନାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ଏହି ଅବସରରେ ବରିଷ୍ଠ ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ ତଥା ଯୁବ ଭାସ୍କର୍ଯ୍ୟ ଶିଳ୍ପୀ କାନ୍ତକିଶୋର ମହରଣା, ଚିତ୍ରଶିଳ୍ପୀ ଜୟଶ୍ରୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କଳା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମିହିରକାନ୍ତ ପ୍ରହରାଜ ଓ ଡଃ ହୃଷିକେଶ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧକ୍ଷ ତଥା ଚିତ୍ରଶିଳ୍ପୀ



ପଞ୍ଚାନନ ସାମଲ ସ୍ୱାଗତ ଭାଷଣ ଦେବା ସହ ଇଷ୍ଟର୍ଣ୍ଣ ଫାଉଣ୍ଡେସନର ସଭାପତି ପ୍ରଦିପ୍ତ ଦାସ ଅନୁଷ୍ଠାନର ଆଭିମୁଖ୍ୟ ଦର୍ଶାଇଥିବା ବେଳେ ସମ୍ପାଦକ ଦିଲ୍ଲୀପ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବରିଷ୍ଠ ଚିତ୍ରଶିଳ୍ପୀ ଜ୍ୟୋତିର୍ମୟୀ କାନୁନ୍‌ଗୋ, ପ୍ରଦୀପ ପାତ୍ର, ସୁଶାନ୍ତ କୁମାର ସିଂ ସାମନ୍ତ, ମାନସ ରଞ୍ଜନ ନାୟକ, ଦେବବ୍ରତ ଦେ ପ୍ରମୁଖ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଋଲିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ତିହିଡ଼ି ବ୍ଲକ କାର୍ଯ୍ୟାଳୟରେ ୩୨ କର୍ମଚାରୀ ପଦବୀ ଖାଲି

# ଉନ୍ନୟନ କାର୍ଯ୍ୟରେ ବାଧା

ତିହିଡ଼ି, ୩।୬ (ନିପ୍ର) ଗୋଟିଏ ଅଞ୍ଚଳର ଉନ୍ନୟନର ଦାୟିତ୍ୱ ବ୍ଲକ କାର୍ଯ୍ୟାଳୟ ଉପରେ ନିର୍ଭର କରିଥାଏ। ଏପରି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ଯଦି ଅଧିକାରୀ ନରୁହନ୍ତି, ସାଧାରଣ ଜନତା ହିଁ ଅସୁବିଧାର ସମ୍ମୁଖୀନ ହେବେ। ଏହାର ଉଦାହରଣ ହେଉଛି ଭଦ୍ରକ ଜିଲାର ତିହିଡ଼ି ବ୍ଲକ। ଭଦ୍ରକ ଜିଲାର ଏକ ଗୁରୁତ୍ୱପୂର୍ଣ୍ଣ ବ୍ଲକ ଭାବେ ପରିଚିତ ତିହିଡ଼ି ସଂପ୍ରତି ପ୍ରାଶାସନିକ ଓ ରାଜନୈତିକ ସ୍ଥାଣୁତାର ଶିକାର ହୋଇଛି। ତିହିଡ଼ି ବ୍ଲକରେ ବର୍ତ୍ତମାନ ୩୨ ଗୋଟି ଅଧିକାରୀ ପଦବୀ ଫାଙ୍କା ପଡ଼ିଛି। ଫଳରେ ଗୋଟିଏ କାର୍ଯ୍ୟ ପାଇଁ ଲୋକଙ୍କୁ ବାରମ୍ବାର ବ୍ଲକ କାର୍ଯ୍ୟାଳୟ ଦୌଡ଼ିବାକୁ ପଡୁଛି। ଯେଉଁ କଥା କୁହାଯାଉଥିଲା, ଲୋକେ ବ୍ଲକକୁ ଆସିବେ ନାହିଁ, ଅଧିକାରୀ ଲୋକଙ୍କ ପାଖକୁ ଯିବେ ତାହା ଡାହା ମିଛରେ ପରିଣତ ହୋଇଛି। ଅନୁସନ୍ଧାନ ପରେ ମିଳିଥିବା ସୂଚନା ଅନୁଯାୟୀ ତିହିଡ଼ି ବ୍ଲକରେ ଅତିରିକ୍ତ ବିଡିଓ, ଆକାଉଣ୍ଟସ ଅଫିସର, ବ୍ଲକ ସୋସିଆଲ ସିକ୍ୟୁରିଟି ଅଧିକାରୀ, ମୁଖ୍ୟ କିରାଣୀ, ବରିଷ୍ଠ କିରାଣୀ, କନିଷ୍ଠ କିରାଣୀ, ଏଷ୍ଟାବ୍ଲିଶମେଣ୍ଟ କ୍ଲର୍କ, ସହକାରୀ ଯନ୍ତ୍ରୀ, ମତ୍ସ୍ୟ ସଂପ୍ରସାରଣ ଅଧିକାରୀ, ଶିଳ୍ପ ଉନ୍ନୟନ ଅଧିକାରୀ ପଦବୀ ଫାଙ୍କା ପଡ଼ିଛି। ସେହିପରି ଦୁଇ ଗୋଟି କନିଷ୍ଠ ଯନ୍ତ୍ରୀ, ୧୧ ଗୋଟି ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଓ ୯ ଗୋଟି ଜିଆରଏସ ପଦବୀ ମଧ୍ୟ ଫାଙ୍କା ପଡ଼ିଛି। ବ୍ଲକ ସୋସିଆଲ ସିକ୍ୟୁରିଟି ଅଧିକାରୀ ପଦବୀ ଫାଙ୍କା ଥିବାରୁ ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଏହି ପଦବୀରେ ରଖାଯାଇଛି। ସେହିପରି ତିହିଡ଼ିରେ ଯୁବକ ମାନଙ୍କୁ ଉପାର୍ଜନକ୍ଷମ କରିବା ପାଇଁ ମତ୍ସ୍ୟ ଓ ଶିଳ୍ପର ବିକାଶ ଆବଶ୍ୟକ ଥିବା ବେଳେ ଏହି ଦୁଇ ଅଧିକାରୀ ପଦବୀ ଦୀର୍ଘଦିନ ହେଲା ତିହିଡ଼ିରେ ଫାଙ୍କା ପଡ଼ିଛି। ଏ ସମ୍ପର୍କରେ ସଚେତନ ନାଗରିକ ମାନେ କ୍ଷୋଭ ପ୍ରକାଶ କରୁଥିବା ବେଳେ ଏତେ ସଂଖ୍ୟକ ପଦବୀ ଫାଙ୍କା ପଡ଼ିବା ଫଳରେ ଲୋକେ କିପରି ସମସ୍ୟାରେ ପଡୁଛନ୍ତି ସେ ସମ୍ପର୍କରେ ବହୁ ସାଧାରଣ ଲୋକ ବୁଝି ପାରୁନାହାନ୍ତି। ବ୍ଲକ କାର୍ଯ୍ୟାଳୟ କହିଲେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଓ ରାସନ କାର୍ଡ଼ ବୋଲି ସାଧାରଣ ଲୋକଟିଏ ବୁଝିଥାଏ। ଅପରପକ୍ଷରେ ରାସ୍ତାଘାଟ ପରି ଉନ୍ନୟନ କାର୍ଯ୍ୟପାଇଁ ବ୍ଲକ କାର୍ଯ୍ୟାଳୟରେ ଦଲାଲ ମାଳମାଳ। ଏହି ଦୃଷ୍ଟିରୁ କର୍ମଚାରୀଙ୍କ ଅଭାବ ସମସ୍ୟା ଉଗ୍ରରୂପ ଧାରଣ କରିପାରୁନାହିଁ। ଖାଲି ତିହିଡ଼ି ବ୍ଲକ ନୁହେଁ, ତିହିଡ଼ିରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ତିହିଡ଼ି ତହସିଲ କାର୍ଯ୍ୟାଳୟ, ତିହିଡ଼ି ପ୍ରାଣୀ ଚିକିତ୍ସାଳୟ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ଆବଶ୍ୟକୀୟ ସଂଖ୍ୟକ କର୍ମଚାରୀଙ୍କର ଅଭାବ ରହିଛି। ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ପୁଅ ବିଷ୍ଣୁବ୍ରତ ରାଉତରାୟ ଏଥର ବିଧାୟକ ଭାବେ ନୂଆମୁହଁ ହୋଇଥିବା ବେଳେ ଧାମନଗର ଆସନରୁ ଦୁଇଥର ପରାଜିତ ହେବା ପରେ ଚଳିତ ଥର ବିଜେପିର ଟାଣୁଆନେତା ବିଷ୍ଣୁ ସେଠୀ ମଧ୍ୟ ନିର୍ବାଚିତ ହୋଇଛନ୍ତି। ତିହିଡ଼ି ତିନି ଖଣ୍ଡରେ ବିଭକ୍ତ ହୋଇ ନିଜର ଯେଉଁ ଗୁରୁତ୍ୱ ହରାଇଛି ତାହା ଆଗାମୀ ପାଞ୍ଚ ବର୍ଷରେ ଫେରି ପାଇବ ବୋଲି ଆଶା କରାଯାଉଛି।





# ଡଷ୍ଟ ବୋଝେଇ ହାଇୱା ଓଲଟି ଡ୍ରାଇଭର ମୃତ

ଦଶପଲ୍ଲା,୩।୬ (ନି.ପ୍ର) : ଦଶପଲ୍ଲା ଭଞ୍ଜନଗର ରାସ୍ତାର ସ୍ଥାନୀୟ ଅଭୟପୁର ନିକଟରେ ଏକ ଡଷ୍ଟ (ପଥରଗୁଣ୍ଡ) ବୋଝେଇ ହାଇୱା ଓଲଟିବା ଫଳରେ ଘଟଣା ସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତ ଡ୍ରାଇଭର ଜଣକ ହେଲେ ନୟାଗଡ ରୋହିସାହି ଗ୍ରାମର ମନୋଜ ବିଶୋଇ(୨୬)। ମନୋଜ ଆଜି ଅପରାହ୍ନ ପ୍ରାୟ ସାଢେ ୩ଟାରେ ସ୍ଥାନୀୟ ଏକ କ୍ରସରରୁ (ଓଡି ୦୨ ଏଏମ୍ ୩୭୬୬) ଡଷ୍ଟ ବୋଝେଇ ହାଇୱା ଧରି ନୟାଗଡ ଯାଉଥିଲେ। ମାତ୍ର ଭାରସାମ୍ୟ ହରାଇ ଗାଡିଟି ରାସ୍ତା ଉପରେ ଓଲଟି ପଡିଥିଲା। ଖବରପାଇ ଘଟଣାସ୍ଥଳରେ ଦଶପଲ୍ଲା ଦମକଳ ବାହିନୀର କର୍ମଚାରୀ ମାନେ ପହଁଚି ମନୋଜଙ୍କୁ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି। (ଏହାର ଫଟୋ ପଠାଯାଇଛି)

# ଦଶପଲ୍ଲାରେ ଘଣ୍ଟାଘଣ୍ଟା ଧରି ଚାଲିଛି ଅଘୋଷିତ ବିଦ୍ୟୁତ୍ କାଟ୍

ଦଶପଲ୍ଲା,୩।୬ (ନି.ପ୍ର) : ମୁଣ୍ଡଫଟା ସାଙ୍ଗକୁ ଅସହ୍ୟ ଗୁଳିମୁଳି ରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବା ବେଳେ ଦଶପଲ୍ଲା ଅଂଚଳରେ ଘଂଟାଘଂଟା ଧରି କରାଯାଉଛି ଅଘୋଷିତ ବିଦ୍ୟୁତ୍ କାଟ୍। ବିନା କୌଣସି ସୂଚନାରେ ପ୍ରତି ମୁହୁର୍ତରେ ଏଭଳି ବିଦ୍ୟୁତ୍ କାଟ୍ କୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଶେଷକରି ଦୈନିକ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବା ବେଳେ ଅନେକ ଅଂଶୁଘାତ ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ର ଆସିଥାନ୍ତି। ଏଭଳି ବିଦ୍ୟୁତ୍ ସମସ୍ୟା ନେଇ ଅଂଶୁଘାତ କକ୍ଷରେ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ସବୁଠାରୁ ଅଧିକ କଷ୍ଟଦାୟକ ପାଲଟିଛି ଲୋଭୋଲଟେଜ୍ ସମସ୍ୟା। ଲୋଭୋଲଟେଜ ପାଇଁ ଘରେ ନା ବୁଲୁଛି ଫ୍ୟାନ୍, ନା ଚାଲୁଛି ଏସି, କୁଲର ଓ ଫ୍ରିଜ୍। ଏଭଳି ସମସ୍ୟା ହେତୁ ଏସବୁ ବିଦ୍ୟୁତ୍ ଉପକରଣ ଉପରେ ଏହାର ଅଧିକ ପ୍ରଭାବ ପଡୁଛି। ଦଶପଲ୍ଲା ସବ୍‌ଡିଭିଜନ ଅଧିନସ୍ଥ ଦଶପଲ୍ଲା, ନୂଆଗାଁ ଏବଂ ଗଣିଆ ବ୍ଲକରେ ୪୦ ହଜାରରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତା ଥିବା ବେଳେ ଦଶପଲ୍ଲା ସେକ୍ସନରେ କେବଳ ୧୫ ହଜାରରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତା ରହିଛନ୍ତି। ଗ୍ରାହକଙ୍କ ଆବଶ୍ୟକତା ଆନୁଯାୟୀ ବିଦ୍ୟୁତ୍ ଯୋଗାଇବାରେ ବିଦ୍ୟୁତ୍ ବିଭାଗ ସମ୍ପୂର୍ଣ୍ଣ ବିଫଳ ପାଲଟିଛି। ମୁଖ୍ୟତଃ ବିଦ୍ୟୁତ୍ କାଟ୍ କୁ ନେଇ ନୟାଗଡ ଏବଂ ନୂଆଗାଁ ରେ ୩୩ ଏବଂ ଇଲେଭେନ କେବି ବିଦ୍ୟୁତ୍ ଉପରେ ସମସ୍ୟା ସୃଷ୍ଟି ହେଉଥିବା କହି ବିଦ୍ୟୁତ୍ ବିଭାଗ (ସେସୁ) ନିଜ ଉପରୁ ଦୋଷ ଛଡାଇ ଚାଲିଥିବା ବେଳେ ଏଥିପ୍ରତି ବିଭାଗୀୟ କର୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ରାଜ୍ୟପାଳଙ୍କୁ ଭେଟିଲେ ନବନିର୍ବାଚିତ ବାଚସ୍ପତି



ଭୁବନେଶ୍ୱର, ୩/୬: ଓଡ଼ିଶା ବିଧାନସଭାର ନବନିର୍ବାଚିତ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ରାଜଭବନରେ ସୌଜନ୍ୟ ସାକ୍ଷାତ କରିଛନ୍ତି । ବାଚସ୍ପତି ଶ୍ରୀ ପାତ୍ର ବିଧାନସଭା କାର୍ଯ୍ୟ ପରିଚାଳନାରେ ରାଜ୍ୟପାଳଙ୍କ ସହଯୋଗ ଓ ମାର୍ଗଦର୍ଶନ କାମନା କରିଛନ୍ତି । ରାଜ୍ୟପାଳ ପ୍ରଫେସର ଲାଲ ଶ୍ରୀ ପାତ୍ରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଦୀର୍ଘ ଅଭିଜ୍ଞତା ଓ ଉପଲବ୍ଧି ଗୃହ ପରିଚାଳନାରେ ବେଶ୍ ସହାୟକ ହେବ ବୋଲି ଆଶା ପ୍ରକାଶ କରିଛନ୍ତି । ପ୍ରାୟ ୩୦ ମିନିଟ୍ ଧରି ଆଲୋଚନାରେ ଉଭୟ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସଂପର୍କରେ ଭାବବିନିମୟ କରିଥିଲେ । ବିଧାନସଭାର ମର୍ଯ୍ୟାଦା ଓ କ୍ରିୟାଶୀଳତା ସଂପର୍କରେ ଗୁରୁତ୍ୱ ଆରୋପ କରିବାକୁ ରାଜ୍ୟପାଳ ପ୍ରଫେସର ଲାଲ ବାଚସ୍ପତିଙ୍କୁ ପରାମର୍ଶ ଦେଇଥିଲେ । ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ ଓ ରାଜଭବନର ବରିଷ୍ଠ ଅଧିକାରୀମାନେ ବାଚସ୍ପତି ଶ୍ରୀ ପାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ ।

# ବିଦ୍ୟୁତ୍ ସଂଯୋଗ ଅବହେଳା ନେଇ ତାତିଲେ ଜନତା

## ଡେଲାଙ୍ଗ ଷ୍ଟେସନ ବଜାରଠାରେ ପଟ୍ଟନାଇକିଆ-ଖୋର୍ଦ୍ଧା ରାସ୍ତା ଅବରୋଧ



ଡେଲାଙ୍ଗ, ୩।୬ (ନି.ପ୍ର.): ସାମୁଦ୍ରିକ ଝଡ ବାତ୍ୟା ଫାନି ପ୍ରଭାବରେ ସମଗ୍ର ଡେଲାଙ୍ଗ ଅନ୍ଧାରରେ ରହିଥିଲା । ଆଜକୁ ବାତ୍ୟା ର ପ୍ରଭାବ ମାସେ ବିତିଯାଇଥିଲେ ମଧ୍ୟ ବିଦ୍ୟୁତ ବିଭାବ ସମ୍ପୁର୍ଣ୍ଣ ଡେଲାଙ୍ଗରେ ବିଦ୍ୟୁତ ସଂଯୋଗରେ ଫେଲ ମାରିଛି । ଅଳ୍ପ କେତେକ ଜାଗାରେ ବିଦ୍ୟୁତ ସଂଯୋଗ କରି ଅଂଚଳରେ ମିଥ୍ୟା ପ୍ରତିଶୃତି ବିଦ୍ୟୁତ ବିଭାଗ ଦେଇଥିବା ରୁ ଏହାକୁ ନେଇ ଡେଲାଙ୍ଗ ର ଜନତା ତାତି ଉଠୁଛନ୍ତି । ଫଳ ସ୍ୱରୁପ ପଟ୍ଟନାଇକିଆ-ଖୋର୍ଦ୍ଧାରୋଡ ବ୍ରହ୍ମଗିରି-ଡେଲାଙ୍ଗ ରୋଡକୁ ଷ୍ଟେସନ ଡେଲାଙ୍ଗ ବଜାର ଠାରେ ୧ଘଣ୍ଟା ରାସ୍ତା ଅବରୋଧ କରିଥିଲେ । ଘଟଣାସ୍ଥଳେ ବିଦ୍ୟୁତ ବିଭାଗର ଏସ୍‌ଡିଓ ପ୍ରଶନ୍ନ କୁମାର ଦାସ ଓ ଡେଲାଙ୍ଗ ଥାନା ସେକେଣ୍ଡ ଅଫିସର ଉପେନ୍ଦ୍ର ଦାସ ପହଂଚି ଅବରୋଧ କାରିଙ୍କ ସହ ଆଲୋଚନା କରିଥିଲେ । ଆନ୍ଦୋଳନ କାରୀ ମାନେ ବିଦ୍ୟୁତ ବିଭାଗର ମିଛ ପ୍ରତିଶୃତି ଦିନ ପରେ ଦିନ ଗଡାଇ ଚାଲିବା ଅଂଚଳକୁ ବିଦ୍ୟୁତ ସଂଯୋଗ ନକରିବା ଘଟଣାକୁ ନେଇ ବିରୋଦ୍ଧ କରୁଥିବା ଦେଖିବାକୁ ମିଳିଥିଲା । ପରେ ବିଦ୍ୟୁତ ବିଭାଗ ର ଏସ୍‌ଡିଓ ଶ୍ରୀ ଦାସଙ୍କ ପ୍ରତିଶୃତି ଦେଇ ଆନ୍ଦୋଳନ କାରଙ୍କୁ କହିଥିଲେ ରାତି ସୁଧା ବିଦ୍ୟୁତ ସଂଯୋଗ ଡେଲାଙ୍ଗ ଓ ତାର ଆଖପାଖ ଜରୂରୀ ସ୍ଥାନ ଗୁଡିକୁ ଇଲେକ୍ଟ୍ରି ଦିଆଯିବ ଧିରେ ଧିରେ ୭ଦିନ ଭିତରେ ସମସ୍ତ ଅଂଚଳ ଅଲୋକିକରଣ କରାଯିବ କହିବାରୁ ରାସ୍ତାରୋକ ହଟିଥିଲା ।

# +୨ ବିଜ୍ଞାନରେ କିସ୍‌ର ସଫଳତା

ଭୁବନେଶ୍ୱର, ୩।୬ (ନି.ପ୍ର.): ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର +୨ ବିଜ୍ଞାନ ଫଳ ସୋମବାର ପ୍ରକାଶ ପାଇଛି । ଏଥିରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)ର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସମଗ୍ର ଓଡ଼ିଶାରେ +୨ ବିଜ୍ଞାନରେ ପାସ୍ ହାର ୭୨.୩୩ ରହିଥିବା ବେଳେ କିସ୍‌ରେ ପାସ୍ ହାର ହେଉଛି ୯୦ ପ୍ରତିଶତ । କିସ୍‌ରେ ଛାତ୍ରଙ୍କ ଅପେକ୍ଷା ଛାତ୍ରୀମାନେ ଅଧିକ ସଫଳତା ହାସଲ କରିଛନ୍ତି । ଚଳିତବର୍ଷ କିସ୍‌ରେ ୪୭୦ ଛାତ୍ରଛାତ୍ରୀ +୨ ବିଜ୍ଞାନ ପରୀକ୍ଷା ଦେଇଥିଲେ । ଛାତ୍ରଛାତ୍ରୀଙ୍କ ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଆରଏସ୍‌ଏସ୍ ପକ୍ଷରୁ ପୁରୀରେ ୧୭୭୯ ସୋଲାର ଲାଇଟ୍ ବିତରଣ



ପୁରୀ, ୩ ।୬ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ପୁରୀ ସଦରର ୧୬ଟି ପଂଚାୟତର ୩୬ଟି ଗ୍ରାମରେ ୧୫୨୬ଟି ଓ ପୁରୀ ନଗରର ୬ଟି ସ୍ଥାନର ୨୫୩ଟି ପରିବାରରେ ମୋଟ ୧୭୭୯ଟି ସୋଲାଲ ଲାଇଟ ବିତରଣ କରାଯାଇଛି । ବୀର ପ୍ରତାପପୁର ପଂଚାୟତର ବୀରପ୍ରତାପୁର ଗ୍ରାମରେରେ ୫୦, ସମଜାନପୁର ଗ୍ରାମରେ ୫୭ ଟି, ଭାଇଲପୁର ପଂଚାୟତର ରୁଆ, ବେଦରପଡା, ଉର ଗ୍ରାମରେ ୨୫୦, ,ବେଲଦଳର ହରିଜନ ବସ୍ତିରେ ୪୭, ବେଲଦଳରେ ୩୧, ବୀରଦାସ ନଗରରେ ୧୪, ସମଗରାର ବଳରାମପୁର ଭୋଇ ସାହିରେ ୨୪,ସମଗରାରେ ୧୭, ବାଲିଗୁଆଳିର ଗୋପାଳପୁର ୩୧, ବ୍ରାହ୍ମଣ ପୋଖରୀରେ ୬୫, ନାଗା ପାଟଣାରେ ୪୫, ଶାସନ ଦାମୋଦରପୁରର ମଙ୍ଗଳପାଟଣାରେ ୫, ଗୁଣ୍ଡୁପିଳିପିଳା ୪୭, ହାଟ ଦୋବନ୍ଧାରେ ୬, ଉତ୍ତରହଣା ଗୌଡସାହିରେ ୭୩, ଧୋବାସାହିରେ ୧୭୦, ମଠ ସାହିରେ ୯୦, କମାଣାସନରେ ୯୦, ଓଁ ସାଇ ବାଳଶ୍ରମରେ ୪, ଚନ୍ଦନପୁରର ବାହୁଡା ସାହିରେ ୬, ଚନ୍ଦନପୁରରେ ୯୦, ଗୋପୀନାଥପୁରର ମୁକୁନ୍ଦମିଶ୍ର ନଗରରେ ୮, ଖଣ୍ଡିଆବନ୍ଧରେ ୧୦, କାଶୀ ହରିପୁରର ଭାରତୀପୁରରେ ୨୦, ମାଳତୀପାଟପୁରର ତୁଳସୀ ଚଉଳା ଗାଁରେ ୭୯, ଗୌଡକେରାରେ ୫୦, ହନ୍ତୁକରେ ୫୦, ବୀରରାମଚନ୍ଦ୍ରପୁର ପଂଚାୟତରେ ୫୦,କେରାଣ୍ଡିପୁର ପଂଚାୟତର କୃଷ୍ଣାଞ୍ଜଳିପୁରରେ ୫, ବାସୁଦେବପୁରରେ ୪୧ଟି ପରିବାରକୁ ସୋଲାର ଲାଇଟ୍ ଦିଆଯାଇଛି । ସେହିପରି ପୁରୀ ସହରର ଓ୍ୱାଡ ନମ୍ବର ୨୪ର ମଳିକ ସାହିରେ ୧୨. ଧୋବାସାହିରେ ୧୪, ଓ୍ୱାଡ ନମ୍ବର ୨୩ ଘୋଡାବଜାରରେ ୭୭,ଜଳି ସାହିରେ ୩୦, ଓ୍ୱାଡ ନମ୍ବର ୧ ମାଟି ତୋଟାରେ ୭୦, ଅନ୍ନପୂର୍ଣ୍ଣା ନଗରରେ ୫୦ ପରିବାରକୁ ସୋଲାର ଲାଇଟ ବିତରଣ କରାଯାଇଛି ।

# ମେଧାବୀ ସମ୍ମାନ ସମାରୋହ

ଛତ୍ରପୁର,୩/୬(ନି.ପ୍ର)-ସ୍ଥାନୀୟ ଜିଲାପରିଷଦ ଭବନର ରଷ୍ଣିକଲ୍ୟା ସମ୍ମିଳନୀ ଗୃହରେ ଓଡିଶା ଆଦର୍ଶ ବିଦ୍ୟାଳୟ ମେଧାବୀ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ପ୍ରତ୍ୟେକ ମଣିଷର ସ୍ୱତନ୍ତ୍ର ଦକ୍ଷତା ଅଛି , ଅନ୍ୟକୁ ଅନୁକରଣ କରି ଅସଫଳ ହେବା ଅପେକ୍ଷା ନିଜ ଦକ୍ଷତା ଉପରେ ନିର୍ଭର କରି ସଫଳ ହେବାକୁ ଛାତ୍ରୀଛାତ୍ର ମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ । ନିଜେ କିପରି ପ୍ରାଥମିକ ଶିକ୍ଷକରୁ ପରିଶ୍ରମ ବଳରେ ଜିଲାପାଳ ପଦବୀ ମଣ୍ଡନ କରିପାରିଛନ୍ତି ଏହି ଅକାଟ୍ୟ ସତ୍ୟକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଗଂଜାମ ଏସପି ବ୍ରିଜେଶ କୁମାର ରଏ ଯୋଗଦେଇ କହିଥିଲେ ସମୟାନୁବର୍ତୀତା ଓ ଦୃଷ୍ଟିଭଙ୍ଗୀ ହିଁ ଜୀବନକୁ ଗତିଶୀଳ କରିବାରେ ସହାୟକ ହୋଇଥାଏ । ଏଣୁ ଯିଏ ଯେଉଁ କ୍ଷେତ୍ରରେ ଅଛନ୍ତି ସେଥିରେ ସର୍ବୋତମ ହେବା ପାଇଁ ଚେଷ୍ଟା କରିବାକୁ ଏସପି ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଓ ଲକ୍ଷ୍ମୀକାନ୍ତ ସେଠୀ, ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଂଜନ ପୃଷ୍ଟି, ଜିଲା ସହରାଂଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦେବବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ଶିକ୍ଷାଅଧିକାରୀ ଡ. ସନାତନ ପଣ୍ଡା ସ୍ୱାଗତ ସମ୍ଭାଷଣ ଦେଇଥିବାବେଳେ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ର ଏହାକୁ ପରିଚାଳନା କରିଥିଲେ । ଗ୍ରାମାଂଚଳର ପିଲାମାନଙ୍କୁ ଇଂରାଜୀ ମାଧ୍ୟମରେ ଶିକ୍ଷା ପ୍ରଦାନ କରି ସର୍ବ ଭାରତୀୟ ସମକକ୍ଷ କରିବାକୁ ରାଜ୍ୟରେ ୨୦୧୬ ରେ ଓଡିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ ହୋଇଥିଲା । ଜିଲାର ୨୨ ଟି ବ୍ଲକରେ ଏହା ଖୋଲିଥିବା ସୂଚନା ଦିଆଯାଇଥିଲା । ତିକିଟି ବ୍ଲକରେ ଓଡିଶା ଆଦର୍ଶବିଦ୍ୟାଳୟ ର ଛାତ୍ରୀଛାତ୍ର ମାନଙ୍କ ପାଇଁ ହଷ୍ଟେଲ ର ସୁବିଧା ରହିଛି ।

## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମୀକ୍ଷା

# କୃଷି ଋଣ ବଢାଇବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଛତ୍ରପୁର,୩/୬(ନି.ପ୍ର)-ଗଂଜାମ ଜିଲାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ଯେଜନାରେ କିଭଳି ଅଧିକରୁ ଅଧିକ ଚାଷୀ ସାମିଲ ହୋଇପାରିବେ ସେଉପରେ ଗୁରୁତ୍ୱ ଦିଆଯାଇଛି । ଋଣ ନେଇଥିବା ଚାଷୀ ଏହି ଯୋଜନାରେ ସାମିଲ ହେବାକୁ ଥିବାବେଳେ ଅନ୍ୟ ଚାଷୀମାନଙ୍କୁ ମଧ ସାମିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲାର ୧ ଲକ୍ଷ ୪୬ ହଜାର ୯୧୬ ଜଣ ଚାଷୀ ଋଣ ନେଇଛନ୍ତି ଏବଂ ଏମାନେ ଫସଲ ବୀମା କରିଥିଲେ । ଅଧିକରୁ ଅଧିକ ଚାଷୀ ଋଣ ସହାୟତା ପାଇପାରିବେ ସେନେଇ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବାକୁ କୁହାଯାଇଛି । ବ୍ଲକ ଓ ପଂଚାୟତ ସ୍ତରରେ ଋଣ ବଂଟନ ମଳାର ଆୟୋଜନ କରାଯିବ । ଚାଷୀମାନଙ୍କୁ ଏଥିପାଇଁ ସଚେତନ କରିବାକୁ ଜିଲାପାଳ କହିଥିଲେ । ବୀମା କମ୍ପାନୀ ମାନଙ୍କର ପ୍ରତିନିଧି ମାନଙ୍କୁ ମଧ ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସାମିଲ କରାଯିବ । ଜିଲାରେ ହରଡ ଡାଲି ଚାଷ କିଭଳି ବୃଦ୍ଧି ହେବ ସେଉପରେ ଜିଲପାଳ ଗୁରୁତ୍ୱାରୋପ କରିଥିଲେ । ଏହି ଫସଲ ଦ୍ୱାରା ଚାଷୀମାନେ ଅଧିକ ଲାଭବାନ ହେବେ । ଅତରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ଡିଆରସିଏସ୍ ସୁଶାନ୍ତ କୁମାର ପଣ୍ଡାଙ୍କ ସମେତ କୃଷି ଓ ବୀମା କମ୍ପାନୀର ଅଧିକାରୀ ଏହି ବୈଠକରେ ଯୋଗ ଦେଇଥିଲେ ।

# ଏମ୍‌ସିଏଲ୍ ପକ୍ଷରୁ ରାଜ୍ୟର ସବୁ ରେଳଷ୍ଟେସନ୍‌ରେ ଶୌଚାଳୟର ନବୀକରଣ



ସମ୍ବଲପୁର, ୩।୫ (ନି.ପ୍ର.): ସ୍ୱଚ୍ଛ ଭାରତ ମିଶନ୍‌ର ନାରା ଦେଇ ମହାନଦୀ କୋଲ୍ ଫିଲ୍ଡ୍‌ସ ପକ୍ଷରୁ ଓଡ଼ିଶାର ୨୩୨ ରେଳଷ୍ଟେସନନ୍‌ରେ ପୂର୍ବନିର୍ମିତ ଶୌଚାଳୟଗୁଡିକର ସ୍ଥାପନା ପାଇଁ ରାଇଟ୍‌ସ ଓ ପୂର୍ବତଟ ରେଳପଥ ସହିତ ରାଜିନାମା ସ୍ୱାକ୍ଷରିତ କରିଛି । ଏହି ପରିଯୋଜନାରେ ଓଡ଼ିଶା ରାଜ୍ୟର ସମସ୍ତ ରେଳୱେ ଷ୍ଟେସନ୍ ଉପକୃତ ହେବ । ଏହି ଅବସରରେ ଏମ୍‌ସିଏଲ୍ କାର୍ଯ୍ୟାଳୟରେ, ପ୍ରିନ୍ସପାଲ ଚିଫ୍ ଇଞ୍ଜିନିଅର, ପୂର୍ବତଟ ରେଳପଥ, ଭୁବନେଶ୍ୱର ଓ ବି. ସାଇରାମ, ମହାପ୍ରବନ୍ଧକ, ଏମ୍‌ସିଏଲ୍‌ଙ୍କ ଉପସ୍ଥିତିରେ ଏହି ରାଜିନାମା ସ୍ୱାକ୍ଷରିତ ହୋଇଥିଲା ।

# ଆଇଟିଇଆର୍‌ରେ ସୋଆ ସମର ଟେକ୍ନୋ କ୍ୟାମ୍ପ



ଭୁବନେଶ୍ୱର, ୩/୬: ଶିକ୍ଷା ଓ ଅନୁସନ୍ଧାନ (ଡିମ୍‌ଡ ଟୁ ବି ୟୁନିଭର୍ସିଟି) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଡୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)ରେ ଆରମ୍ଭ ହୋଇଛି ୬ ଦିନିଆ 'ସୋଆ ସମର ଟେକ୍ନୋ କ୍ୟାମ୍ପ' । ଏହି କ୍ୟାମ୍ପରେ ଓଡ଼ିଶାର ବିଭିନ୍ନ ଅଂଚଳରୁ ଶତାଧିକ ସ୍କୁଲ୍ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି ।

ଆଧୁନିକ ପ୍ରଯୁକ୍ତି ବିଦ୍ୟା ସହିତ ଛାତ୍ରଛାତ୍ରୀମାନଙ୍କୁ ଯୋଡିବାର ଲକ୍ଷ୍ୟ ନେଇ ଏହି କ୍ୟାମ୍ପ ଆରମ୍ଭ ହୋଇଥିବାବେଳେ ମେକାନିକାଲ୍, ଇଲେକ୍ଟ୍ରିକାଲ୍, ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ, ଇଲେକ୍ଟ୍ରୋନିକ୍ସ, ସିଭିଲ୍ ଇଞ୍ଜିନିୟରିଂ, କମ୍ପ୍ୟୁଟର ଆପ୍ଲିକେସନ୍, କ୍ଲାଇମେଟ୍ ସାଇନ୍ସ, ରୋବୋଟିକ୍ସ ଆଣ୍ଡ ମେକାଟ୍ରୋନିକ୍ସ, ଫିଜିକ୍ସ ଏବଂ ମ୍ୟାଥମେଟିକ୍ସ ଉପରେ ପର୍ଯ୍ୟବେଶିତ ପ୍ରୋଜେକ୍ଟ ବେସଡ ଶିକ୍ଷା ଦାନ କରାଯିବ । ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଅଧିକ ଜ୍ଞାନ ଆହରଣ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଏହି କ୍ୟାମ୍ପ ମାଧ୍ୟମରେ ପ୍ରୋତ୍ସାହିତ କରାଯିବା ନିମନ୍ତେ ଏହା ଏକ ପ୍ରୟାସ ବୋଲି ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇ କହିଛନ୍ତି ସୋଆ ରିସର୍ଚ୍ଚ ଆଣ୍ଡ ଡେଭଲପମେଂଟ ଡିନ୍ ପ୍ରଫେସର ପି.କେ.ନନ୍ଦ । ୬ଷ୍ଠ ଶ୍ରେଣୀରୁ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏହି କ୍ୟାମ୍ପରେ ଯୋଗ ଦେଇଛନ୍ତି ।ଆମେରିକାର ମାସାସୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି), ଯାହାର ବୈଜ୍ଞାନିକମାନେ ସର୍ବାଧିକ ସଂଖ୍ୟାରେ ନୋବେଲ୍ ପୁରସ୍କାର ପାଇଛନ୍ତି ତା'ର ଉଦାହରଣ ଦେଇ ପ୍ରଫେସର ନନ୍ଦ କହିଛନ୍ତି ଏହି ବିଶ୍ୱ ପ୍ରସିଦ୍ଧ ଶିକ୍ଷାନୁଷ୍ଠାନର ମୁଖ୍ୟ କାର୍ଯ୍ୟ ହେଲା ବିଜ୍ଞାନକୁ ଅଧିକ ଅନୁସନ୍ଧାନ କରିବା ଏବଂ କାହିଁକି ଓ କିପରି ଏହି ପ୍ରଶ୍ନକୁ ନେଇ ବ୍ୟସ୍ତ ରହିବା ।

ଆଇଟିଇଆର୍‌ର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ରେଣୁ ଶର୍ମା, ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଡି.ଏନ୍. ଥାଟୋଇ, ଇଲେକ୍ଟ୍ରିକାଲ୍‌ସ ଆଣ୍ଡ ଇଲେକ୍ଟ୍ରୋନିକସ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ନିରଞ୍ଜନ ନାୟକ ଏବଂ ସୋଆ ସମର ଟେକ୍ନୋ କ୍ୟାମ୍ପ୍‌ର କୋର୍ଡିନେଟ୍‌ର ଶ୍ୱେତାରାଣୀ ବିଶ୍ୱାଳ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ ।

# 'କ୍ରୀସ୍ ଏଲ୍‌ଇଡ଼ି'କୁ ଇଣ୍ଟରନ୍ୟାଶନାଲ ପ୍ରଡକ୍ଟ ଆଣ୍ଡ ସର୍ଭିସ ଆୱାର୍ଡ଼




ଭୁବନେଶ୍ୱର,୩।୬ (ନି.ପ୍ର.): ଓଡ଼ିଶାର ସର୍ବାଧିକ ବିଶ୍ୱସନୀୟ ଏଲ୍‌ଇଡି ଲାଇଟ୍ ବ୍ରାଣ୍ଡ ଶ୍ରେଣୀରେ କ୍ରୀସ୍ ଇଣ୍ଡିଜେନସ୍ ଟେକ୍ନିକାଲ ଇକ୍ୱିପମେଣ୍ଟ ପ୍ରାଇଭେଟ ଲିମିଟେଡ୍‌କୁ ଚଳିତବର୍ଷର ମର୍ଯ୍ୟାଦାଜନକ ଇଣ୍ଟରନ୍ୟାଶନାଲ ପ୍ରଡକ୍ଟ ଆଣ୍ଡ ସର୍ଭିସ ଆୱାର୍ଡ଼(ଇପ୍‌ସା) ୨୦୧୯ରେ ସମ୍ମାନିତ କରାଯାଇଛି । 'କ୍ରୀସ୍ ଏଲ୍‌ଇଡ଼ି' ର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ଇଂ ପ୍ରଶାନ୍ତ କୁମାର ମହାନ୍ତି, ମୁମ୍ବାଇର ଫୋର ସିଜନ୍ସ ହୋଟେଲଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରସିଦ୍ଧ ବଲିଉଡ୍ ଅଭିନେତ୍ରୀ ଜୁହି ଚାୱଲାଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ବିଦ୍ୟୁତ୍ ଏବଂ ଯାନ୍ତ୍ରିକ କ୍ଷେତ୍ରରେ ଅଭିଜ୍ଞତା ସମ୍ପନ୍ନ ଇଂ. ପ୍ରଶାନ୍ତ କୁମାର ମହାନ୍ତି ହେଉଛନ୍ତି ଜଣେ ପ୍ରବାସୀ ଭାରତୀୟ, ଯିଏକି ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ୧୭ ଅକ୍ଟୋବର ୨୦୧୪ରେ ନିଜ ରାଜ୍ୟ ଓଡ଼ିଶାରେ ଏହି କମ୍ପାନୀ ଗଠନ କରି"କ୍ରୀସ୍ ଏଲ୍‌ଇଡ଼ି" ବ୍ରାଣ୍ଡ ନାମରେ ବଜାର ପ୍ରବେଶ କରିଛି ।

ଇଣ୍ଟରନ୍ୟାଶନାଲ ପ୍ରଡକ୍ଟ ଆଣ୍ଡ ସର୍ଭିସ ଆୱାର୍ଡ଼(ଇପ୍‌ସା) ୨୦୧୯ ଗ୍ରହଣ କରିବା ଅବସରରେ ଇଂ. ପ୍ରଶାନ୍ତ କୁମାର ମହାନ୍ତି କହିଛନ୍ତି ଯେ, ଏହି ସମ୍ମାନରେ ସମ୍ମାନିତ କରାଯାଇଥିବାରୁ ଆମେ ବହୁତ ଖୁସି ଅନୁଭବ କରୁଛୁ । କ୍ରୀସ୍ ଏଲ୍‌ଇଡ଼ି ସର୍ବଦା ନିଜ ଉପଭୋକ୍ତାଙ୍କର ଆବଶ୍ୟକତା ନିମନ୍ତେ ଅଦ୍ୱିତୀୟ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥାର ସମାଧାନ ପାଇଁ ଓଡ଼ିଶାର ଏକ ଗୌରବ ଭାବେ ପରିଗଣିତ ହୋଇ ଆସୁଅଛି । ଏହି ଭାବନା ଏବଂ ଇଚ୍ଛାଶକ୍ତି ସହିତ ଆମେ ଭବିଷ୍ୟତରେ ଆମ ଉପଭୋକ୍ତାଙ୍କୁ ଅଭିନବ ଏବଂ ଗୁଣାତ୍ମକମାନର ଉଜ୍ଜ୍ୱଳ ଆଲୋକର ସମାଧାନ ପ୍ରଦାନ କରିବା ନିମନ୍ତେ ଆମେ ପ୍ରତିଶୃତିବଦ୍ଧ । କମ୍ପାନୀ ପାଖରେ ବିଭିନ୍ନ ଅନୁପ୍ରୟୋଗ ନିମନ୍ତେ ଅନ୍ତଃରାଷ୍ଟ୍ରୀୟ ଗୁଣବତ୍ତା ସମ୍ପନ୍ନ ଉଜ୍ଜ୍ୱଳ ଆଲୋକ ସମାଧାନର ଏକ ବିସ୍ତୃତ ଶୃଙ୍ଖଳ ରହିଛି ଏବଂ କୌଣସି ପରିସ୍ଥିତିରେ ୨ ବର୍ଷର ୱାରେଣ୍ଟି ସହିତ ସୁଲଭମୂଲ୍ୟରେ ପ୍ରଭାବୀ ଏବଂ ଉର୍ଜ୍ଜା ପ୍ରଦାନ କରିଥାଏ । କମ୍ପାନୀରେ ଏଲ୍‌ଇଡ଼ି ପ୍ୟାନେଲଲାଇଟ୍ସ, ସର୍‌ଫେସ୍ ପ୍ୟାନେଲ ଲାଇଟ୍ସ, ଫ୍ଲଡ୍‌ଲାଇଟ୍ସ, ସୋଲାରଲାଇଟ୍ସ, ଷ୍ଟ୍ରିଟ୍‌ଲାଇଟ୍ସ, ଏଲ୍‌ଇଡ଼ି ବଲ୍‌ବ, ଏଲ୍‌ଇଡି ଟ୍ୟୁବ୍‌ଲାଇଟ୍ସ, ସୋଲାର ଲଣ୍ଠନ, ସୋଲାର ଇନ୍‌ଭର୍ଟର, ସୋଲାର ପ୍ୟାନେଲ ଲାଇଟ୍ସ, ଏଲ୍‌ଇଡି ଟିଭି ଏବଂ ସିସିଟିଭି ଆଦି ସାମଗ୍ରୀ ନିର୍ମାଣ କରୁଛି ।

କମ୍ପାନୀ ପ୍ରତି ବ୍ଲକ ଏବଂ ପଞ୍ଚାୟତସ୍ତର ମାଧ୍ୟମରେ ରାଜ୍ୟର ଗ୍ରାମୀଣ କ୍ଷେତ୍ରରେ ଏଲ୍‌ଇଡ଼ି ଷ୍ଟ୍ରୀଟଲାଇଟ ର ବ୍ୟବସ୍ଥା ପ୍ରଦାନ ଦିଗରେ ମଧ୍ୟ କାର୍ଯ୍ୟ କରୁଅଛି । ଏହାବ୍ୟତୀତ କେନ୍ଦ୍ର ସରକାର, ରାଜ୍ୟ ସରକାର, କର୍ପୋରେଟ କ୍ଷେତ୍ର, ମେଡ଼ିକାଲ, ଶିକ୍ଷାନୁଷ୍ଠାନ ଏବଂ ରିଅଲ୍ ଇଷ୍ଟେଟ୍, ମଲ୍ ଆଦି ଘରୋଇ କମ୍ପାନୀ କ୍ଷେତ୍ରରୁ ମଧ୍ୟ ସମର୍ଥନ ଏବଂ ପ୍ରୋତ୍ସାହନ ମିଳିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଇଣ୍ଟରନ୍ୟାଶନାଲ ପ୍ରଡକ୍ଟ ଆଣ୍ଡ ସର୍ଭିସ ଆୱାର୍ଡ଼(ଇପ୍‌ସା) ହେଉଛି ପ୍ରଡକ୍ଟ ଇନୋଭେସନ ଓ ସର୍ଭିସ କ୍ୱାଲିଟି (ଉତ୍ପାଦରେ ନୂତନତା ଏବଂ ସେବାରେ ଗୁଣବତ୍ତା) ଉପରେ ଆଧାରିତ ବିଶ୍ୱର ସର୍ବବୃହତ୍ତ ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାର ମଧ୍ୟରୁ ଅନ୍ୟତମ ।

# ଗୁଳୁଗୁଳି ସହିତ ବିଜୁଳିକାଟ ଦାଉ ସାଧୁଛି



ବାଙ୍କୀ, ୩।୬ (ନି.ପ୍ର.): ପ୍ରଚଣ୍ଡ ଖରାରେ ବାଙ୍କୀ ଉପଖଣ୍ଡର ବିଭିନ୍ନ ଅଂଚଳ ପ୍ରଭାବିତ ହେଉଛି । ମହାନଦୀର ଜଳଧାର ମଝିରେ ଯାଉଥିବା ହେତୁ ଉଭୟ କୂଳରେ ପ୍ରଚଣ୍ଡ ବାଲିର ଉତାପ ଉପକୂଳବାସୀଙ୍କୁ ଗରମ ଉତାପରେ ଛଟପଟ କରୁଛି । ସେହିପରି ପାହାଡିଆ ଅଂଚଳରେ ଉତାପ ଆଶାତୀତ ଭାବରେ ବଢିଥିବା ହେତୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ସକାଳ ୧୧ଘଟିକା ପରଠାରୁ ୪ଟା ପର୍ଯ୍ୟନ୍ତ ଖରାର ଧାସରେ ବାହାରକୁ ବାହାରିବା ସମ୍ଭବପର ହେଉ ନାହିଁ । କୃଷକଠାରୁ ଦିନ ମଜୁରିଆ ପର୍ଯ୍ୟନ୍ତ ପେଟ ପାଇଁ ସମସ୍ତେ ପ୍ରଭାବିତ ହେଉଛନ୍ତି । ଏଥିସହିତ ଗ୍ରାମାଂଚଳରେ ପାନୀୟଜଳର ସଙ୍କଟ ଅନୁଭୂତ ହେଉଛି । କେଉଁ ସ୍ଥାନରେ ବିଦ୍ୟୁତ ସରବରାହ ବ୍ୟତିକ୍ରମ ପାଇଁ ସ୍ୱଜଳଧାରା ଜନସାଧାରଣଙ୍କୁ ପାଣି ଯୋଗାଣରେ ପ୍ରଭାବିତ କଲାଣିତ କେଉଁଠି ଘନ ଘନ ବିଜୁଳିକାଟ ପ୍ରଚଣ୍ଡ ତାତି ଓ ଗରମରେ ସନ୍ତୁଳି ପକାଉଛି । ବାଙ୍କୀ ସହରରେ ଅନୁରୂପ ଭାବରେ ବିଦ୍ୟୁତ ସରବରାହ ବାରମ୍ବାର କଟୁଥିବାରୁ ସରକାରୀ କାର୍ଯ୍ୟାଳୟ, କମ୍ପ୍ୟୁଟର ଏବଂ ଜେରକ୍ସ ପାଇଁ ଆସୁଥିବା ଜନତା ହଇରାଣ ହରକତ ହେଉଛନ୍ତି। ଅସହ୍ୟ ତାତିରେ ବିଜୁଳିକାଟ ସାଧାରଣ ଜନତା ପ୍ରତି ଦାଉ ସାଧୁ ଥିବା ଜଣାପଡିଛି । ତାତିରୁରକ୍ଷା ପାଇଁ ଅନ୍ତତଃ ଖରାରେ ବାହାରକୁ ନଯାଇ ଘରେ ରହିବାକୁ ହେଲେ ନିରନ୍ତର ବିଜୁଳି ସେବା ଜରୁରୀ ହୋଇପଡିଛି । ଏ ଦିଗରେ ଦୃଷ୍ଟି ଦେଇ ବିଦ୍ୟୁତ ବିଭାଗ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଚାଲୁ ରଖିବା ପାଇଛ ଜନସାଧାରଣରେ ଦାବି ହୋଇଛି । ବିଦ୍ୟୁତ୍ କାଟ ହେବ ନାହିଁ ବୋଲି ସରକାରୀ ଘୋଷଣା ବାଙ୍କୀ ଅଂଚଳରେ ଏକ ପ୍ରହସନରେ ପରିଣତ ହୋଇଥିବା ଆଲୋଚନା ହୁଏ ।


Printed and Published by Sitesh Kumar Rout _ owned by Manthan Printers Private Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9437004473, 9437024883 Email : odishamanthan@gmail.com

● Editor : Sarat Raut    Managing Editor - Bibhuti Bhusan Patra    ପରିଚାଳନା ସମ୍ପାଦକ: ବିଭୂତି ଭୂଷଣ ପାତ୍ର    ସଂପାଦକ: ଶରତ ରାଉତ